# ୭ ମାସର ଝିଅକୁ ଛାଡ଼ି ଫେରାର ଉଦ୍ୟମ କରୁଥିବା ମହିଳା ଧରାପଡ଼ିଲେ

**ପଦ୍ମପୁର, ୩।୫ (ସମିସ):** ପଦ୍ମପୁର ଭେଡ଼ଁରିଆ ଛକ ଠାରେ ଜନୈକ ମହିଳା ତାର ୭ ମାସର ଶିଶୁକୁ ଅନ୍ୟ ଜଣେ ମହିଳାକୁ ସହଯୋଗ ସ୍ୱରୂପ କାଖେଇବାକୁ କହି ପାଣି ପିଇବା ଆଳରେ କୁଆଡେ ଚାଲି ଯାଇଥିଲା। ପ୍ରଚଣ୍ଡ ଗରମ ସମୟରେ ଦୀର୍ଘ ସମୟ ନଫେରିବାରୁ କାଖେଇଥିବା ମହିଳା ଜଣକ ଚିନ୍ତାରେ ପଡ଼ିଥିଲେ। ଘଟଣାଟି ଜାଣା ପଡ଼ିବା ସେଠାରେ ପରେ ଭିଡ଼ ଜମି ଥିଲା। ଉକ୍ତ ସମୟରେ ପଦ୍ମପୁର ଥାନା ଅଧିକାରୀ ମମତା ନାଏକ କୌଣସି କାମରେ ଯାଉଥିବା ବେଳେ ଭିଡ଼ ପ୍ରତି ନଜର ପଡ଼ିଥିଲା। ଘଟଣା ସ୍ଥଳକୁ ଆସି ତୁରନ୍ତ ମାଆକୁ ଖୋଜିବାକୁ ସହକର୍ମୀକୁ ନିୟୋଜିତ କଲେ। ସୌଭାଗ୍ୟ ବଶତଃ ବହୁ କଷ୍ଟରେ ମହିଳା ଜଣକୁ ପାଇଲେ। ଥାନାକୁ ଆଣି ତାର ଖାଦ୍ୟ, ପାନୀୟ ବ୍ୟବସ୍ଥା କରି ଆଶ୍ୱସ୍ତ ହେଲା ପରେ ଜଣାଗଲା ଯେ, ମହିଳା ଜଣକ ଝାରବନ୍ଧ ଥାନା ଡଭା ଗ୍ରାମର ଜ୍ୟୋସ୍ନା ସତନାମୀ। ଖରା ସମୟ ଅତିବାହିତ ହେବା ପରେ ଥାନା ଅଧିକାରୀ ଝାରବନ୍ଧ ବସରେ ତାଙ୍କୁ ପଠାଇ ଥିଲେ। ସନ୍ଧ୍ୟାରେ ଝାରବନ୍ଧ ଛକରେ ଏକାକୀ ଦେଖି ସାମାଜିକ କର୍ମୀ ଗୋବିନ୍ଦ ପଟେଲ ଏକ ଗାଡ଼ିର ବ୍ୟବସ୍ଥା କରି ତାଙ୍କୁ ଡଭା ପଠାଇ ଥିଲେ।



# ଶେଷହେଲା ନାମାଙ୍କନ: ବରଗଡ଼ ଲୋକସଭା ଏବଂ ୫ ବିଧାନସଭା ପାଇଁ ୪୨ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ବରଗଡ଼, ୩।୫(ସମିସ)**

ସାଧାରଣ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀ ପତ୍ର ଦାଖଲ ଶେଷ ହୋଇଥିବା ବେଳେ ବରଗଡ଼ ଲୋକସଭା ଏବଂ ଜିଲ୍ଲାର ୫ଗୋଟି ବିଧାନସଭା ପାଇଁ ୪୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ସେଥିମଧ୍ୟରୁ ବରଗଡ଼ ଲୋକସଭା ଏବଂ ବିଧାନସଭା ପାଇଁ ସର୍ବାଧିକ ୯ ଜଣ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବରଗଡ଼ ଲୋକସଭା ପାଇଁ ବିଜେଡିରୁ ପରିଣିତା ମିଶ୍ର, କଂଗ୍ରେସରୁ ସଞ୍ଜୟ ଭୋଇ, ବିଜେପିରୁ ପ୍ରଦୀପ ପୁରୋହିତ, ବିଏସପିରୁ ୩ ଜଣ ପ୍ରାର୍ଥୀ ଟଙ୍କଧର କଣ୍ଟା, ଜୟରାମ ବାଗ ଏବଂ କୌଶିକ ସୁନା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଲୋକସଭା ପାଇଁ ନ୍ୟାସନାଲ ଅପନି ପାର୍ଟୀରୁ ଦେବିକା ସିକାଙ୍କ ସମେତ ସ୍ୱାଧୀନ ଭାବେ ପ୍ରଭାତ କୁମାର ଧରୁଆ ଏବଂ ଜ୍ଞାନେନ୍ଦ୍ର ବେହେରା ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବରଗଡ଼ ବିଧାନସଭା ପାଇଁ ବିଜେଡିରୁ ଦେବେଶ ଆଚାର୍ଯ୍ୟ, କଂଗ୍ରେସରୁ ନିପନ ଦାଶ, ବିଜେପିରୁ ଅଶ୍ୱିନୀ ଷଡଙ୍ଗୀ, ବିଏସପିରୁ ଜୟଶଙ୍କର ସିହ୍ନା, ଆମ ଆଦମୀ ପାର୍ଟୀରୁ ଆଶୀଷ ଶତପଥୀ, ରାଷ୍ଟ୍ରୀୟ ମାନବ ପାର୍ଟିରୁ ମୁକ୍ତା ନାଗଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ପାଣ୍ଡବ କର୍ଣ୍ଣ, ଭକ୍ତ ବିନୋଦ ବାବା ଏବଂ ନନ୍ଦ ନନ୍ଦନ ମହାନନ୍ଦ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେପୁର ବିଧାନସଭା ପାଇଁ ତିନି ପ୍ରମୁଖ ଦଳ ବିଜେଡିରୁ ରୀତା ସାହୁ, ବିଜେପିରୁ ସନତ କୁମାର ଗଡ଼ତିଆ, କଂଗ୍ରେସରୁ କିଶୋର ଦଫାଦାରଙ୍କ ସମେତ ବିଏସପିର ଧବଳେଶ୍ୱର ମହାନନ୍ଦ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅତାବିରା ବିଧାନସଭା ପାଇଁ ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଏସପିରୁ ଭୁବନ ଭୋସାଗର, କଂଗ୍ରେସରୁ ଅଭିଷେକ ସେଠ, ଆମ ଆଦମୀ ପାର୍ଟୀରୁ ଜୟକୃଷ୍ଣ ଛୁରିଆ ଏବଂ ବିଜେପିରୁ ନିହାର ରଞ୍ଜନ ମହାନନ୍ଦ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଭଟଲି ବିଧାନସଭାରୁ ବିଜେଡିରୁ ସୁଶାନ୍ତ ସିଂ, କଂଗ୍ରେସରୁ ବ୍ରହ୍ମାନନ୍ଦ ମହାକୁଡ, ବିଜେପିରୁ ଇରାଶିଷ ଆଚାର୍ଯ୍ୟ, ଆମ ଆଦମୀ ପାର୍ଟିରୁ ମହମ୍ମଦ ଶାହରୁଖ ଲୋଧିଆ, ନବଭାରତ ନିର୍ମାଣ ସେବା ପାର୍ଟିରୁ ପ୍ରେମାନନ୍ଦ ସାହୁ, ବିଏସପିରୁ ନାରାୟଣ ଭେସ୍ରାଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ସାବିତ୍ରୀ ଆଚାର୍ଯ୍ୟ ଓ ବଲ୍ଲଭ ପାତ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ପଦ୍ମପୁର ବିଧାନସଭା ପାଇଁ ବିଜେଡିରୁ ବର୍ଷା ସିଂ ବରିହା, ବିଜେପିରୁ ଗୋବର୍ଦ୍ଧନ ଭୋଏ, କଂଗ୍ରେସରୁ ଟଙ୍କଧର ସାହୁ, ଆମ ଆଦମୀ ପାର୍ଟୀରୁ ବାଲ୍ମିକୀ ନାଏକ, ବିଏସପିରୁ ରୂପଧର କୁମ୍ଭାରଙ୍କ ସମେତ ସ୍ୱାଧୀନ ଭାବେ ରେବତୀ ଗିରି ଏବଂ ଗଙ୍ଗାଧର ସାହା ନାମାଙ୍କନ ଦାଖଲ କରିଛନ୍ତି। ଶନିବାର ୪ ତାରିଖ ପ୍ରାର୍ଥୀ ପତ୍ର ଯାଞ୍ଚ ଥିବା ବେଳେ ସୋମବାର ୬ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର ସହ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି।

# ଲୁହୁରାଚଟି ନାକାରୁ ସାଢ଼େ ୭ଲକ୍ଷ ଜବତ

**ସୋହେଲା/ବରଗଡ଼, ୩।୫(ସମିସ):** ବରଗଡ଼ ଜିଲ୍ଲା ସୋହେଲା ଲୁହୁରାଚଟି ନାକା ଚେକିଂ ଠାରେ ନଗଦ ୭ଲକ୍ଷ ୫୦ହଜାର ଟଙ୍କା ଦୌଲତ୍ ପ୍ରସାଦ ରାଟ୍ରେଙ୍କ ପୁଲିସ ଜବତ କରିଛି। ତେବେ ଛତିଶଗଡ଼ ରାଜ୍ୟର ମହାସମୁନ୍ଦ ଜିଲ୍ଲା ସରାଇପାଲି ଥାନା ଅର୍ନ୍ତଗତ ବଲ୍ଲି ଗାଁର ଦୌଲତ ପ୍ରସାଦ ରାଟରେଙ୍କ ଠାରୁ ଟଙ୍କା ଜବତ କରାଯାଇଥିବା ବେଳେ ଜବତ ଟଙ୍କା ଏକ ଟାଟା ସୁମୋ ଗାଡ଼ିରେ ଥିବା କୁହାଯାଉଛି। ଗାଡ଼ି ଟି ଛତିଶଗଡ଼ ପଟୁ ବରଗଡ଼ ଆସୁଥିବା ବେଳେ ଟଙ୍କା ଜବତ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ବାଚନ ସମୟରେ ଏତେ ଗୁଡ଼ିଏ ଟଙ୍କା କିଏ କାହିଁକି ନେଉଥିଲା ସେ ଦିଗରେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ପୂର୍ବରୁ ମଧ୍ୟ ବରଗଡ଼ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ପ୍ରାୟ ୧୫ଲକ୍ଷରୁ ଅଧିକ ଟଙ୍କା ପୁଲିସ ଦ୍ୱାରା ଜବତ ହୋଇ ସାରିଛି।



# ମାଁ ସମଲେଶ୍ୱରୀଙ୍କୁ ଦର୍ଶନ କରି ନିର୍ବାଚନ ପ୍ରଚାର ଆରମ୍ଭ କଲେ ସ୍ନେହାଙ୍ଗିନୀ



**ଭେଡେନ, ୩।୫ (ସମିସ):** ଅତାବିରା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ଆଜି ଭେଡେନ ବ୍ଲକ ବୁର୍ଦ୍ଧା ଗ୍ରାମ ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମାଁ ସମଲେଇଙ୍କ ଠାରେ ପୂଜାର୍ଚ୍ଚନା କରି ଭେଡେନ ବ୍ଲକରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପୂଜାର୍ଚ୍ଚନା ପରେ ଉପସ୍ଥିତ ଥିବା ସରପଞ୍ଚ, ସମିତି, ଜିଲ୍ଲା ପରିଷଦ ମେମ୍ବର ଓ ହଜାର ହଜାର ସମର୍ଥକଙ୍କୁ କେମିତି ବିଜେଡି ପ୍ରାର୍ଥୀ ବିଜୟୀ ହେବେ ସେନେଇ କର୍ମୀ ଓ ଲୋକ ପ୍ରତିନିଧି ଏବଂ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପରେ ମାଁ ସମଲେଶ୍ୱରୀ ପୀଠରୁ ଗ୍ରାମ ପର୍ଯ୍ୟନ୍ତ ପଦ ଯାତ୍ରା କରି ଘରକୁ ଘର ନିର୍ବାଚନ ପ୍ରଚାର କରିଥିଲେ। ଏଥିର ସମସ୍ତେ ଡବଲ ଶଙ୍ଖରେ ଭୋଟ ଦେବାକୁ ନବେଦନ କରିଥିଲେ। ଏହି ପଦଯାତ୍ରାରେ ବ୍ଲକଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି ଖେତି, ସଭାପତି ଅରବିନ୍ଦ ହୋତା, ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ଜିଲାପରିଷଦ ସଭ୍ୟସଭ୍ୟା ପିଙ୍କି ବଡ଼େଇ, ପଦ୍ମିନି ଗଡ଼ତିଆ, ସତ୍ୟଜିତ ପୁରୋହିତ ଉପସ୍ଥିତ ଥିଲେ।

# ମିଶ୍ରଣ ପର୍ବ: ବିଭିନ୍ନ ଦଳର ଶତାଧିକ କର୍ମୀଙ୍କ ବିଜେଡିରେ ଯୋଗଦାନ

**ବରଗଡ଼, ୩।୫(ସମିସ):** ବରଗଡ଼ ସହରରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ବରଗଡ଼ ୱାର୍ଡ ନମ୍ବର ୬ ର ମୁକେଶ ପୋଦ୍ଦାର, ୱାର୍ଡ ନମ୍ବର ୧୧ର ସୁନିଲ ଅଗ୍ରୱାଲ, ୱାର୍ଡ ନମ୍ବର ୧୭ର ସଞ୍ଜୀବ ସାହୁ, ୱାର୍ଡ ନମ୍ବର ୧୧ ର ଦୀପକ ଆହୁଜା, ୱାର୍ଡ ନମ୍ବର ୫ ର ରାଜକୁମାର ଗୁପ୍ତା ପ୍ରମୁଖ ନିଜର ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ଉଲ୍ଲେଖ କରିଥିଲେ। ଏଥିସହିତ ଆଗାମୀ ଦିନରେ ବିଜେଡିର ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କାରିବେ ବୋଲି ସଂକଳ୍ପ ନେଇଥିଲେ। ଏହି ଅବସରରେ ବିଧାୟକ ଦେବେଶ ଆଚାର୍ଯ୍ୟ, ୱାର୍ଡ ନମ୍ବର ୬ ର କାଉନସିଲର ଜନକ ଅଗ୍ରୱାଲ, ସକ୍ରିୟ ବିଜେଡି କର୍ମୀ ଦୀନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ପାଇକମାଲ ବ୍ଲକର ବିଭିନ୍ନ ଗାଁରେ ବିଜେଡି ପ୍ରାର୍ଥିନୀ ବର୍ଷାଙ୍କ ପ୍ରଚାର



**ପଦ୍ମପୁର, ୩।୫ (ସମିସ):** ପଦ୍ମପୁର ବିଜେଡି ବିଧାୟିକା ପ୍ରାର୍ଥିନୀ ବର୍ଷା ସିଂବରିହା ପାଇକମାଲ ବ୍ଲକ ଅନ୍ତର୍ଗତ ଘେସରା, ବାଦୀକଟା, ପଲସେନ, ବୁକୁରାମୁଣ୍ଡା, ମହୁଲପାଲି ଗ୍ରାମପଞ୍ଚାୟତର ବିଭିନ୍ନ ଗାଁରେ ନିର୍ବାଚନୀ ସଭା କରିଥିଲେ। ନବୀନ ପଟ୍ଟନାୟକ ସରକାରଙ୍କ ଅମଳରେ ହୋଇଥିବା ବିକାଶମୂଳକ କାମ ଓ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିରେ ବରିଷ୍ଠ ବିଜେଡି ନେତା ଗୌରହରି ମିଶ୍ରଙ୍କ ସମେତ ଦଳୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ବିଜେପୁର ବ୍ଲକର ଗାଁ ଗାଁରେ ବିଜେଡି ପ୍ରାର୍ଥୀ ମନ୍ତ୍ରୀ ରୀତା ସାହୁଙ୍କ ମାରାଥାନ ପ୍ରଚାର



**ବରଗଡ଼, ୩।୫(ସମିସ):** ଶୁକ୍ରବାର ବିଜେଡି ପ୍ରାର୍ଥୀ ମନ୍ତ୍ରୀ ରୀତା ସାହୁ ବିଜେପୁର ବ୍ଲକର ବିଭିନ୍ନ ଗାଁରେ ମାରାଥାନ ପ୍ରଚାର ଆରମ୍ଭ କରିଛନ୍ତି। ଶ୍ରୀମତୀ ସାହୁ ବିଜେପୁର ବ୍ଲକର ବିଜେପୁର ବ୍ଲକର ସାନବାଉଁସେନ, ତାଳପଦର, ଏମ୍ ଶ୍ରୀଗିଡ଼ା, ବରମୁଣ୍ଡା, ପଡ଼ା ପ୍ରଭୃତି ପଞ୍ଚାୟତର ବିଭିନ୍ନ ଗାଁରେ ପ୍ରଚାର କରିବା ସହ ଡବଲ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଗାଁ ଗାଁରେ ମନ୍ତ୍ରୀ ଶ୍ରୀମତୀ ସାହୁଙ୍କୁ ବିପୁଳ ସମର୍ଥନ ମିଳୁଥିବା ବେଳେ ଜନସାଧାରଣ ମଧ୍ୟ ବିଜେପୁରର ବିକାଶ ଧାରାକୁ ଆଗେଇ ନେବାକୁ ଆର୍ଶୀବାଦ ଦେଉଥିବା ଦେଖିବାକୁ ମିଳିଥିଲା।

# ମ୍ୟାଜିକ ସୋ' ମାଧ୍ୟମରେ ବିଜେଡିର ପ୍ରଚାର

**ବରଗଡ଼, ୩।୫(ସମିସ):** ନିର୍ବାଚନ ପାଇଁ ବିଭିନ୍ନ ଦଳର ନେତା ମାନେ ଭିନ୍ନ ଭିନ୍ନ ଢଙ୍ଗରେ ପ୍ରଚାର କରୁଥିବା ବେଳେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ପାଇଁ ବରଗଡ଼ ବିଜେଡି ଏକ ନିଆରା ଢଙ୍ଗରେ ପ୍ରଚାର ଅଭିଯାନ ଆରମ୍ଭ କରିଛି। ବିଭିନ୍ନ ଅଞ୍ଚଳରେ ମ୍ୟାଜିକ ସୋ ପ୍ରଦର୍ଶନ କରି ରାଜ୍ୟ ସରକାର ଓ ବିଧାୟକ ଦେବେଶଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଉଛି। ଏହି ସୋ ଦେଖିବା ପାଇଁ ବିଭିନ୍ନ ଗ୍ରାମ ଓ ବସ୍ତି ଅଞ୍ଚଳରେ ଲୋକଙ୍କ ଆଗ୍ରହ ଦେଖିବାକୁ ମିଳୁଛି। ଏହି ଅବସରରେ ବରଗାଁ, କଟାପାଲି, ବରଡୋଲ ପ୍ରଭୃତି ଗ୍ରାମ ସମେତ ପୌର ପରିଷଦର ୱାର୍ଡ ନମ୍ବର ୩ ମନାବନ୍ଧପଡ଼ା, ପିଏଚଡିପଡ଼ା, ନିଳିବନ୍ଧ ପଡ଼ା, ନଦୀପଡ଼ାରେ ମ୍ୟାଜିକ ସୋ ପ୍ରଦର୍ଶନ କରାଯାଇ ବିଜେଡି ତାର ପ୍ରଚାରକୁ ଆଗେଇ ନେଇଛି।

## ବରଗଡ଼ ଜିଲ୍ଲା ଘରୋଇ ବସ ମାଲିକ ସଂଘର ନୂତନ କର୍ମକର୍ତ୍ତା

# ବିନୋଦ ସଭାପତି, ବିକାଶ ସାଧାରଣ ସମ୍ପାଦକ



**ବରଗଡ଼, ୩।୫ (ସମିସ):** ବରଗଡ଼ ଜିଲ୍ଲା ପ୍ରାଇଭେଟ୍ ବସ ମାଲିକ ସଂଘର ନିର୍ବାଚନ ସମାପ୍ତ ହୋଇଛି। ନିର୍ବାଚନରେ ବିନୋଦ ମହାପାତ୍ର ସଭାପତି ପଦବୀରେ ବିଜୟୀ ହୋଇଛନ୍ତି। ସେହିପରି ବିକାଶ ମହାପାତ୍ର ସାଧାରଣ ସମ୍ପାଦକ, ସୁବ୍ରତ ଦାଶ ସହ-ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ନିର୍ଦ୍ୱନ୍ଦରେ ସୁଶାନ୍ତ ମିଶ୍ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନୂତନ କର୍ମକର୍ତ୍ତା ଗଠନ ହେଲା ପରେ ବରଗଡ଼ ସହରର ନୂତନ ପ୍ରାଇଭେଟ ବସଷ୍ଟାଣ୍ଡକୁ ରୂପାନ୍ତିକରଣ କରିବାକୁ ପ୍ରଥମେ ଗୁରୁତ୍ୱ ଦିଆଯିବ ବୋଲି ସଭାପତି ଶ୍ରୀ ମହାପାତ୍ର କହିଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ସମସ୍ତେ ସ୍ୱାଗତ କରିଥିଲେ।

## ଚାଷୀଙ୍କ ପାଣି ସମସ୍ୟାର ସମାଧାନ ପାଇଁ ଅଧିକାରୀଙ୍କ ସହ ଆଲୋଚନା କଲେ ସ୍ନେହାଙ୍ଗିନୀ

# ୫ ପରିବର୍ତ୍ତେ ୧୦ ପର୍ଯ୍ୟନ୍ତ କେନାଲରେ ଆସିବ ପାଣି

**ଭେଡେନ, ୩।୫ (ସମିସ)**

ଭେଡେନ ବ୍ଲକ ଅନ୍ତର୍ଗତ ପପଙ୍ଗା କଲୋନୀ ସ୍ଥିତ କେନାଲ ଡିଭିଜନ କାର୍ଯ୍ୟାଳୟ ପରିସରରେ ମାନପୁର, ବଏପୁର, ଗର୍ଭଣା, ମହୁଲେ, ରକ୍ଷୁଡ଼ା, ମହୁଲପାଲି, ଭାଙ୍ଗକୁଦ, ସିଆଳଖଣ୍ଡାତା, ପପଙ୍ଗା, ଗଠିଆପାଲି, ଦେଶଭଟଲି, ଡାଲବ, ସୁନାଲରମ୍ଭାବାଦୀ, ମହଲାକଟା, ଧାତୁକପାଲି ପ୍ରଭୃତି ଅଞ୍ଚଳର ଚାଷୀ ମାନଙ୍କ ସମେତ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ମିଳିତ ସହଯୋଗରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏବେ ଅଞ୍ଚଳରେ ଧାନ ଅମଳ ସମୟ କେନାଲ ପାଣିଉପରେ ସମସ୍ତେ ନିର୍ଭର କରି ଚାଷ କାର୍ଯ୍ୟକରନ୍ତି ହେଲେ କେନାଲରେ କମ ପାଣି ଆସୁଥିବାରୁ ଚାଷ ଜମିରେ ପାଣି ପହଞ୍ଚି ପାରୁନାହିଁ। ଏହାର ସମାଧାନ ପାଇଁ ଅନୁଷ୍ଠିତ ଆଲୋଚନରେ କେନାଲ ବିଭାଗର, ଏସି ପ୍ରଦୀପ କୁମାର ସାମଲ, ଏସଡିଓ ମହେନ୍ଦ୍ର କୁଆଁରଙ୍କ ସମେତ ଅନେକ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏହାର ସମାଧାନ ପାଇଁ ବିଧୟିକା ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ, ତୁରନ୍ତ କେନାଲରେ ପାଣି ବଢ଼ାଯାଉ ଫଳରେ କେନାଲର ପାଣି ସବୁ ଚାଷ ଜମିକୁ ପହଞ୍ଚି ପାରିବ। ଏହା ପରେ ବିଭାଗୀୟ ଅଧିକାରୀ ମାନେ କେନାଲରେ ପାଣି ଛଡ଼ିଥିଲେ। ପରେ ବିଧାୟିକା ଶ୍ରୀମତୀ ଛୁରିଆ କହିଥିଲେ ଯେ, ଭେଡେନ ଅଞ୍ଚଳରେ ଚାଷୀମାନେ ଡେରିରେ ଧାନ ଚାଷ କରନ୍ତି ତେଣୁ ଅମଳ ସମୟରେ ତାଙ୍କୁ ପାଣି ବହୁତ ଦରକାର ପଡ଼େ କେନାଳ ପାଣି ଆସନ୍ତା ୫ ତାରିଖରେ ବନ୍ଦ ହେବ ତାକୁ ୧୦ ତାରିଖ ପର୍ଯ୍ୟନ୍ତ କରାଯାଇ କେନାଳରେ ପାଣି ଆସିଲେ ଚାଷୀ ମାନଙ୍କ ସମସ୍ୟା ର ସମାଧାନ ହେବ। ତେଣୁ ସେ ଚିଫ ଇଞ୍ଜିନିୟର ଆନନ୍ଦ ସାହୁଙ୍କ ସହିତ ଫୋନ ଯୋଗେ ଚାଷୀ ମାନଙ୍କ ଉପସ୍ଥିତିରେ କଥାବାର୍ତ୍ତା ହୋଇଥିଲେ। ଚାଷୀମାନଙ୍କ ସମସ୍ୟା ଜାଣିଲାପରେ ଶ୍ରୀ ସାହୁ ବିଧାୟିକା ଶ୍ରୀମତୀ ଛୁରୀଆ ଓ ଚାଷୀମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ କହିଥିଲେ ଯେ, ୧୦ତାରିଖ ପର୍ଯ୍ୟନ୍ତ କେନାଲରେ ପାଣି ଆସିବ। ଫଳରେ ଉପସ୍ଥିତ ଚାଷୀ ଙ୍କ ଭିତରେ ଆନନ୍ଦ ପ୍ରକାଶ ପାଇଛି। ଏହି ଆଲୋଚନାରେ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି ଖେତି, ରକ୍ଷୁଡା ସରପଞ୍ଚ ସୁରେନ୍ଦ୍ର କର୍ମୀ, ଜିଲାପରିଷଦ୍ ସଭ୍ୟା ପିଙ୍କି ବଡ଼େଇ, ମାନପୁର ସମିତି ସଭ୍ୟା ସୁଧାଞ୍ଜଳୀ ମେହେର, ଆରସିଏମଏସ ସଭାପତି ସୁଜିତ ପଣ୍ଡା, ସୁବାଷ ହୋତା, ଚାଷୀ, ରବି ପାଣିଗ୍ରାହୀ, ଅମୀୟ ବିଶି, ଦ୍ୟୁମେତସେନ ରଣା, ପଞ୍ଚା ରଣା, ଚନ୍ଦ୍ର ଶେଖର ଦେହୀରି, ଅନ୍ତର୍ଯ୍ୟମୀ ନାଏକ, ହୃଷିକେଶ ଧର, କୃଷ୍ଣଚନ୍ଦ୍ର ମିଶ୍ର, ଭବାନୀ ଦେହେରି, ସର୍ଜନ ଦୀପ, ମନୋରଞ୍ଜନ ପଧାନ, ଗୌରାଙ୍ଗ ପଧାନ, ମିଥୁନ ବେହେରା, ଚନ୍ଦ୍ର ଶେଖର ଦେହେରି, ଆଦିକନ୍ଦ ଧରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



# ରାଣା ପ୍ରତାପ ସ୍କୁଲରେ ଦୁଇଦିନିଆ ଖେଳଣା ତିଆରି କର୍ମଶାଳା



**ବରଗଡ଼, ୩।୫(ସମିସ):** ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ବରଗଡ଼ କ୍ଲଷ୍ଟର ସ୍ତରୀୟ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଖେଳଣା ତିଆରି କର୍ମଶାଳା ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦିପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସିଆରସିସି ପାର୍ବତୀ ସାହୁ ସଂଯୋଜନା କରି ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ବରଗଡ଼ର ୧୨ ଟି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଟିଏଲଏମ ନିର୍ମାଣ ସହିତ ଆମ ସଂସ୍କୃତି ସହିତ ଜଡ଼ିତ ଆମ ଖେଳଣା ପ୍ରସ୍ତୁତ ପାଇଁ ପ୍ରଶିକ୍ଷଣ ନେଇଥିଲେ। ସମ୍ମାନିତ ଅତିଥି ଭାବେ ଅଭିଭାବକ ସଂଘର ବରିଷ୍ଠ ସଦସ୍ୟ ବଳରାମ କୁମ୍ଭାର ଯୋଗଦେଇ ଏହି ଅଭିନବ ଉଦ୍ୟମକୁ ପ୍ରଶଂସା କରିଥିଲେ। ଶନିବାର ଏହି କର୍ମଶାଳା ଉଦ୍ଯାପିତ ହେବ ବୋଲି ସିଆର୍‌ସିସି ପାର୍ବତୀ ସାହୁ ସୂଚନା ପ୍ରଦାନ କରିଛନ୍ତି।

# ଶେଷ ଦିବସରେ ବରଗଡ଼ ବିଧାନସଭା ପାଇଁ କଂଗ୍ରେସରୁ ନିପନ ଏବଂ ସ୍ୱାଧୀନ ପ୍ରାର୍ଥୀ ନନ୍ଦନନ୍ଦନଙ୍କ ନାମାଙ୍କନ





**ବରଗଡ଼, ୩।୫ (ସମିସ)**

ନାମାଙ୍କନ ଦାଖଲର ଶେଷ ଦିବସରେ ବରଗଡ଼ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ନିପନ ଦାଶ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ନନ୍ଦ ନନ୍ଦନ ମହାନନ୍ଦ ନାମାନଙ୍କ ପତ୍ର ଦାଖଲ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ନିପନ ଦାଶ ନଦୀପଡ଼ାରୁ ଏକ ବିରାଟ ରାଲିରେ ଆସି ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୂଷଣଙ୍କ ଠାରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏ ଅବସରରେ ଦଳୀୟ ଓକିଲ ଟୁନା ମହାକୁଡ଼, ସରୋଜ ଷଡ଼ଙ୍ଗୀ, ପଞ୍ଚାନନ ମିଶ୍ର, ଯୁଗଳ ପ୍ରସାଦ ସିଂହ, ଗୌରାଙ୍ଗ ନାଏକ, ଜିତୁ ସାହୁ ପ୍ରମୁଖଙ୍କ ସମେତ ବରଗଡ଼ ସାଂସଦ ପ୍ରାର୍ଥୀ ସଞ୍ଜୟ ଭୋଇ, ରବି ପଣ୍ଡା ତଥା ବହୁ ଦଳୀୟ ନେତାମାନେ ଉପସ୍ଥିତ ଥିଲେ। ଉଭୟ ରାଲି ଓ ନାମାଙ୍କନ ପ୍ରକ୍ରିୟାରେ କଂଗ୍ରେସ ଦଳର ବହୁ ନେତା ଓ କର୍ମୀଙ୍କ ସମେତ ଶୁଭେଚ୍ଛୁମାନେ ସାମିଲ ହୋଇ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଦାଶଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ନନ୍ଦ ନନ୍ଦନ ମହାନନ୍ଦ ବୀର ସୁରେନ୍ଦ୍ର ସାଏ ଛକରୁ ଏକ ରାଲିରେ ଆସି ଉପଜିଲ୍ଲାପାଳଙ୍କ ଠାରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। କୋସଲ ସମର୍ଥିତ ପ୍ରାର୍ଥୀ ଭାବେ ନନ୍ଦ ନନ୍ଦନ ମହାନନ୍ଦ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ବହୁ ମହିଳା ଓ ପୁରୁଷ ତାଙ୍କ ରାଲିରେ ସାମିଲ ହୋଇଥିଲେ।

## ଦେବେଶଙ୍କ ପ୍ରଚାରରେ ସ୍ଥାନୀୟ ଯୁବ ଗୋଷ୍ଠୀ ସାମିଲ



**ବରଗଡ଼, ୩।୫ (ସମିସ) :** ନିର୍ବାଚନ ପାଖେଇ ଆସିଥିବା ବେଳେ ନିର୍ବାଚନ ପ୍ରଚାର ଜୋର୍ ଧରିଛି। ବରଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ବିଜେଡି ପ୍ରଚାରର ମଙ୍ଗ ନିଜେ ଧରିଥିବା ବେଳେ ବିଭିନ୍ନ ଗ୍ରାମ ଓ ବରଗଡ଼ ପୌର ପରିଷଦରେ ବ୍ୟାପକ ନିର୍ବାଚନୀ ପ୍ରଚାର ଚଳାଇଛନ୍ତି। ତାଙ୍କ ପ୍ରଚାର ବେଳେ ବିଭିନ୍ନ ବର୍ଗର ଜନ ସାଧାରଣ ସାମିଲ ହେଉଥିବା ବେଳେ ବିଶେଷ କରି ଯୁବ ଗୋଷ୍ଠି ଅଧିକ ସଂଖ୍ୟାରେ ସାମିଲ ହୋଇ ବିଜେଡି ପାଇଁ ପ୍ରଚାର କରୁଛନ୍ତି। ଶୁକ୍ରବାର ଦେବେଶ ଆମ୍ବସଡ଼ା, ତାଲଶ୍ରିଗିଡା, କଣ୍ଟାଟିକ୍ରା, ବଗେଇବିରା ସମେତ ବରଗଡ଼ର ୫, ୬, ୧୪, ୩ ନମ୍ବର ୱାର୍ଡରେ ବ୍ୟାପକ ପ୍ରଚାର କରିଛନ୍ତି। ଏହି ଅବସରରେ ବିଭିନ୍ନ ଗ୍ରାମରେ ଅରୁଣ ବିଶି, ମନୋଜ ପୁରୋହିତ, ରାଜୁ ସୁନା, ଗୋପାଳ ସହପାଲ, ମନୋଜ ସାହୁ, ନିତ୍ୟାନନ୍ଦ ନାଏକ, ରାଜୁ ଦାସ, ପଦ୍ମ ଲୋଚନ ପ୍ରଧାନ, ଅଶୋକ ସାହୁ ପ୍ରମୁଖଙ୍କ ସମେତ ବହୁ ଯୁବକ ପ୍ରଚାରରେ ସାମିଲ ହୋଇ ଆଗାମୀ ନିର୍ବାଚନରେ ରାଜ୍ୟର ଡବଲ ବିକାଶ ପାଇଁ ଡବଲଶଙ୍ଖରେ ଆଶୀର୍ବାଦ ପାଇଁ ଜନ ସାଧାରଣଙ୍କୁ ନିବେଦନ କରୁଥିବା ଦେଖାଯାଇଛି।

### ମରଣଯନ୍ତା ପାଲଟିଛି ରେଲୱେ ଓଭର ବ୍ରିଜ

## ଶୀଘ୍ର ମରାମତି ପାଇଁ ବରଗଡ଼ ରେଳ ଉପଭୋକ୍ତା ସଂଘର ଦାବି

**ବରଗଡ଼, ୩।୫ (ସମିସ):** ବରଗଡ଼ ରେଲୱେ ଓଭର୍ ବ୍ରିଜ୍ ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ଯାଇଥିବାରୁ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବା ସହିତ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହାର ଶୀଘ୍ର ମରାମତି କାର୍ଯ୍ୟ କରାଯିବା ପାଇଁ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ବରଗଡ଼ ରାସ୍ତା ଓ ଗୃହ ବିଭାଜନର ନିର୍ବାହୀଯନ୍ତ୍ରୀ ଅରୁଣ କୁମାର ପାଣ୍ଡେଙ୍କ ସହିତ ସାକ୍ଷାତ କରିବା ସହ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ନିର୍ବାହୀଯନ୍ତ୍ରୀ ଶ୍ରୀ ପାଣ୍ଡେ ଏହି ମରାମତି କାର୍ଯ୍ୟ ଯଥାଶୀଘ୍ର ସମ୍ପାଦନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ବ୍ୟତୀତ ଲୋକମାନେ ସହରରୁ ରେଲଷ୍ଟେସନକୁ ଯିବା ପାଇଁ ବ୍ୟବହାର କରୁଥିବା ବିଭିନ୍ନ ରାସ୍ତା ଗୁଡ଼ିକର ଉନ୍ନତିକରଣ ବିଷୟରେ ମଧ ଆଲୋଚନା ହୋଇଥିଲା। ଗୁରୁଦ୍ୱାରାରୁ ଷ୍ଟେସନକୁ ଯିବା ରାସ୍ତା ଓସାରିଆ ହେବା ସହ ମଝିରେ ଡିଭାଇଡର ହେବାକୁ ଯାଉଛି, କିନ୍ତୁ ଏହି କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଥିବାରୁ ଏଥି ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଥିଲା। କେନାଲ ରାସ୍ତା ମଧ ରେଲଷ୍ଟେସନ ଯିବା ପାଇଁ ଏକ ବିକଳ୍ପ ରାସ୍ତା। ବରଗଡ଼-ଭେଡେନ ରାସ୍ତାର ବରଗଡ଼ ସହର ଅଞ୍ଚଳର ରାସ୍ତାକୁ ଛାଡ଼ି ଦେଲେ ବାକି ଭେଡେନ ପର୍ଯ୍ୟନ୍ତ ରାସ୍ତା ବହୁତ ଭଲ ଭାବରେ ନିର୍ମାଣ ହୋଇସାରିଛି। କିନ୍ତୁ ପ୍ରାଇଭେଟ୍ ବସଷ୍ଟାଣ୍ଡରୁ ପୁରୁଣା ରିଜର୍ଭ ପୁଲିସ ଅଞ୍ଚଳ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲେ ସୁଦ୍ଧା ବର୍ଷାଧିକ କାଳ ବିନା ନିର୍ମାଣ କିମ୍ବା ମରାମତି ଯୋଗୁଁ ରାସ୍ତାଟି ଭୟଙ୍କର ଅବସ୍ଥାରେ ପଡ଼ିରହିଛି। ଫଳରେ ସେଇ ବାଟ ଦେଇ ଯାଉଥିବା ଲୋକମାନଙ୍କ ପାଇଁ ଏହା ଏକ ମରଣଯନ୍ତା ଭଳି ହୋଇଯାଇଛି। ଏ ସମ୍ପର୍କରେ ଶ୍ରୀ ପାଣ୍ଡେଙ୍କୁ ପଚାରିବାରୁ ଏହି ଅଂଶଟି ଓ ବି ସି ସି ଲିମିଟେଡ (ଓଡ଼ିଶା ସେତୁ ଓ ନିର୍ମାଣ ନିଗମ) ଅଧୀନରେ ରହିଛି। ଆନନ୍ଦ ମଣ୍ଡପ ନିକଟରେ ଥିବା କଲଭର୍ଟର ନିର୍ମାଣ ସେମାନେ କଲାପରେ ରାସ୍ତା ଓ ଗୃହ ବିଭାଗକୁ କାର୍ଯ୍ୟ ହସ୍ତାନ୍ତର ହେବ। ତାପରେ ଏହି ରାସ୍ତାକୁ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଥିଲେ। ରେଳ ଉପଭୋକ୍ତା ସଂଘର ଏହି ପ୍ରତିନିଧି ମଣ୍ଡଳୀରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ସର୍ଦ୍ଦାର ପ୍ରିତ ସିଂହ, ସମ୍ପାଦକ କମଳ ଯୋଶୀ, ପି.ଆର.ଓ ଅଭିଜିତ ପ୍ରତିହାର ଓ ବରିଷ୍ଠ ସଦସ୍ୟ ତୁଳସୀ ଚରଣ ଦାଶ ଅଂଶଗ୍ରହଣ କରିଥିଲେ।



### ଭେଡେନ ପଞ୍ଚାୟତ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମାନସ ଇଲେଭେନ ବିଜୟୀ

**ଭେଡେନ, ୩।୫ (ସମିସ):** ଭେଡେନ ରଞ୍ଜିତା ଖେଳ ପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ ଲିଗ କ୍ରିକେଟ ମ୍ୟାଚ ମାନସ ଇଲେଭେନ ଓ ରୟଲ ଷ୍ଟ୍ରାଇକସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମାନସ ଇଲେଭେନ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୨ ଓଭରେ ୮ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲା। ଜବାବରେ ରୟଲ ଷ୍ଟ୍ରାଇକସ ୯ ଓଭର ୪ ବଲରେ ସମସ୍ତ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଫଳରେ ମାନସ ଇଲେଭେନ ୪୫ ରନରେ ବିଜୟୀ ହୋଇଥିଲା। ମାନସ ଇଲେଭେନ ର ଏମ.ରାଜୁ ୨୧ ବଲରେ ୬୧ ରନ କରି ମ୍ୟାନ ଅପ ଦ ମ୍ୟାଚ ବିବେଚିତ ହୋଇ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନୁଷ୍ଠିତ ଖେଳକୁ ବଳି ଅଦାବର ଓ ରାହୁଲ ମଲ୍ଲିକ ପରିଚାଳନା କରିଥିବାବେଳେ ସ୍କୋରର ଭାବରେ ହରିହର ମେହେର ଓ ଚନ୍ଦନ ସରାଫ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠିତ ମ୍ୟାଚରେ ଅତିଥି ଭାବରେ ମହେଶ ବରାଇ ଯୋଗଦାନ କରିଥିଲେ।



## ପ୍ରୀତମ ମେହେରଙ୍କୁ କଣ୍ଟାବାଞ୍ଜି ନିର୍ବାଚନ ସଂଯୋଜକ ଦାୟିତ୍ୱ



**ପଦ୍ମପୁର, ୩।୫ (ସମିସ):** ପଦ୍ମପୁରର ବରିଷ୍ଠ ବିଜେଡି ନେତା ପ୍ରିତମ ମେହେରଙ୍କୁ ବିଜୁଜନତା ଦଳ ପକ୍ଷରୁ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଯୋଜକ ଦାୟିତବ ଦିଆଯାଇଛି। ଏ ନେଇ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ ରିଲିଜ ଜାରି କରିଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ନିଜର ସଂଗଠନକୁ ସୁଦୃଢ କରିଥିବା ଶ୍ରୀ ମେହେର ଆଗରୁ କଣ୍ଟାବାଞ୍ଜିରେ ସହ ପର୍ଯ୍ୟବେକ୍ଷକ ଭାବରେ କାମ କରିବା ସହ ବର୍ତ୍ତମାନ ଓଡ଼ିଶା ହାଉସିଂ ବୋର୍ଡ଼ର ସଦସ୍ୟ ଅଛନ୍ତି। ସେ ପଦ୍ମପୁର ବିଜେଡି ପ୍ରାର୍ଥୀ ପାଇଁ ମଧ ଆଶାୟୀ ଥିଲେ।

## ଫାର୍ମାସିଷ୍ଟ ଈଶ୍ୱର ଚନ୍ଦ୍ର ସନବର୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର, ୩।୫ (ସମିସ):** ପଦ୍ମପୁର ସାରଳା କୁମାରୀ ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ଦିନ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଥିବା ଫାର୍ମାସିଷ୍ଟ ଈଶ୍ୱର ଚନ୍ଦ୍ର ସନବର୍ଷା ଅବସର ଗ୍ରହଣ କରିଛନ୍ତି। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଆଶୁତୋଷ ହୋତାଙ୍କ ସଭାପତିତ୍ୱରେ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଡା. ପ୍ରଭାତ ନାରାୟଣ ତ୍ରିପାଠୀ, ଡା. ଗୀତାପିୟୁଷ ମିଶ୍ର, ଡା. ଯଦୁମଣି ସାହୁ ସମେତ ସମସ୍ତ ସହକର୍ମୀ ଉପସ୍ଥିତ ଥିଲେ। ଅବସର ନେଇ ଥିବା ଶ୍ରୀ ସନବର୍ଷାଙ୍କ ସେବାରେ ଅଞ୍ଚଳର ସମସ୍ତ ରୋଗୀ ଉପକୃତ ହୋଇଥିବାରୁ ତାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ପଞ୍ଚାୟତ ମହାବିଦ୍ୟାଳୟରେ ଏକଦିବସୀୟ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ

**ବରଗଡ଼, ୩।୫ (ସମିସ):** ପଞ୍ଚାୟତ ମହାବିଦ୍ୟାଳୟର ଗବେଷଣା ଉନ୍ନୟନ ଶାଖା ଆନୁକୂଲ୍ୟରେ ଅଧାପକ, ଅଧାପିକଙ୍କ ଏକ ଦିବସୀୟ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ଆୟୋଜିତ




ହୋଇଯାଇଛି। 'ଗବେଷଣାତ୍ମକ ରଚନା କଳା, କୌଶଳ, ପ୍ରୟୋଗ ଓ ଏହାର ଉପଯୋଗୀତା' ବିଷୟବସ୍ତୁ ଉପରେ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ସହକାରୀ ପ୍ରଫେସର ଡ. ନକୁଳ ସେଠ୍ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଜୀବବିଜ୍ଞାନ ବିଭାଗ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପ୍ରଭାତ କୁମାର ମହାପାତ୍ର ଓ ସମ୍ମାନିତ ବକ୍ତା ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାର ଓ ଜୀବ ବିଜ୍ଞାନ ବିଭାଗର ପ୍ରଫେସର ତଥା ମାନବ ସମ୍ବଳ ବିକାଶ ବିଭାଗର ନିର୍ଦ୍ଦେଶକ ଡ. ବୁଲୁ ମହାରଣା ଯୋଗଦେଇଥିଲେ। ଦୁଇଟି ପର୍ଯ୍ୟାୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରଫେସର ଡ. ମହାପାତ୍ରଙ୍କ ଦ୍ୱାରା ରଚିତ 'ବିଜ୍ଞାନ ଗବେଷଣାର ପ୍ରକଳ୍ପ ପ୍ରସ୍ତୁତି ଓ ରଚନା' ଶୀର୍ଷକ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଫେସର ଡ.ମହାରଣା 'ପ୍ରଭାବଶାଳୀ ଗବେଷଣା ରଚନା ପାଇଁ ଉପାଦାନ, ନୀତିଶିକ୍ଷା ଓ ପରିମାପକ: ଏକ ଅଧୟନ' ଶୀର୍ଷକ ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ.ପ୍ରଜ୍ଞାପାରମିତା ନାଏକ ଅତିଥି ପରିଚୟ ଦେଇ ସଂଯୋଜନା କରିଥିବା ବେଳେ ଇତିହାସ ବିଭାଗର ସହକାରୀ ପ୍ରଫେସର ପୁଷ୍ପିତା ବେହେରା ପରିଚାଳନା କରିଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଉମେଶ ମହାପାତ୍ର ଓ ରାଜଶ୍ରୀ ଭଞ୍ଜ ଆଲୋଚନା ବିଷୟ ସମ୍ପର୍କିତ ପ୍ରଶ୍ନ ପଚାରିଥିଲେ। ପରିଶେଷରେ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ବିନୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ଶେଷନ ବିଶି, ସୁବଳ ମେହେର, ଡ. ଚିତ୍ତରଞ୍ଜନ ସାହୁ, ସ୍ମିତା ପାଣିଗ୍ରାହୀ, ରୋଶନୀ ତିର୍କି, ସୂର୍ଯ୍ୟକାନ୍ତୀ ସିକନ୍ଦର, ମାନଭଞ୍ଜନ ପାଣିଗ୍ରାହୀ, ବିଭୁତି ଶତପଥୀ, ସୁନୀତା ବେହେରା, ଅନିରୁଦ୍ଧ ରୋହିଦାଶ, ଭାସ୍କର ସାହୁ, ଛନ୍ଦାରାଣୀ ବେସେନ, ଅନିନ୍ଦିତା ନନ୍ଦ, ଡ. କ୍ରିଷ୍ଣା ନାଏକ, ଡ. ବିନୟ କୁମାର ସାହୁ, ସମୀର ସେଠ, ମାନସ ଭୋଇ, ଶିପୁନ ସେଠୀ, ଅନନ୍ତ ମେହେର, ମୃତ୍ୟୁଞ୍ଜୟ ମଲ୍ଲିକ, ଅଭିଲାଷ ସାହୁ, ଦିଲେଶ୍ୱର ସାହୁ, କ୍ରିଷ୍ଣାକାନ୍ତ ଲାହାଙ୍ଗିର, ମୁରଲିଧର ମହାନନ୍ଦ, ସୁଧାଂଶୁ ଶେଖର ପଣ୍ଡା, ପ୍ରତାପ ପ୍ରଧାନ, ସୁକାନ୍ତ ସରକାର, ନମିତା ବାଆ, ସୁଷମା, ଡକ୍ଟର ପ୍ରଭାସିନୀ, ସସ୍ମିତା ସାହୁ, ସଂଯୁକ୍ତା ମହାରଣା, କ୍ରିଷ୍ଣା ସାସ୍ମଲ, ମୋନାଲିସା ପ୍ରଧାନ, ସୋନିଆ ମହାକୁର, ଅଞ୍ଜଳି ସାହୁ, ନିରୂପମା ଭୁଏ, ସ୍ମୃତିସ୍ମିତା ସାମଲ, ଡ. ଅଞ୍ଜଳି ଦାସ, ପଙ୍କଜିନୀ ରାଏ, ସୁରେଶ କୁମାର ମାଝୀ, ରାଜଶ୍ରୀ ଭଞ୍ଜ ପ୍ରମୁଖ ଅଧାପକ ଅଧାପିକା ଅଂଶଗ୍ରହଣ କରିଥିଲେ।

## ଅପରାହ୍ନ ପରେ କମୁଛି ତାତି

**ପଦ୍ମପୁର, ୩।୫ (ସମିସ):** ପଦ୍ମପୁର ସହର ସମେତ ଉପଖଣ୍ଡ ଅଞ୍ଚଳରେ ମାଧାହ୍ନରେ ତାତି ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରୁଥିବା ବେଳେ ପୂର୍ବାହ୍ନ ଓ ମାଧାହ୍ନ ତାତି ଠାରୁ ଅପରାହ୍ନରେ ପାଗ ବଦଳୁ ଥିବା ଲକ୍ଷ୍ୟ କରାଯାଉଛି। ଏପ୍ରିଲରେ ଗ୍ରୀଷ୍ମ ଲହରୀ ଥିବା ବେଳେ ମେ ମାସ ଆରମ୍ଭରୁ ପ୍ରଚଣ୍ଡ ଖରା ଜାରି ରହିଛି। ସ୍ୱଭାବିକ ଠାରୁ ତାପମାତ୍ରା ଢେର ଉଚ୍ଚ ରହିଛି। ଚଳିତ ବର୍ଷ ଗ୍ରୀଷ୍ମ ଲହରୀ ଅନ୍ୟ ବର୍ଷ ତୁଳନାରେ ବେଶୀ ଥିବା ବେଳେ ଗତ ୨/୩ଦିନ ହେବ ପାଗ ରେ ପରିବର୍ତ୍ତନ ହୋଇ ଅପରାହ୍ନ ଓ ରାତିରେ ଥଣ୍ଡା ଅନୁଭୂତ ହେଉଥିବା ଜଣାଯାଇଛି।

## ଝାରବନ୍ଧରେ ବିଜେଡିର ମାରାଥନ ପ୍ରଚାର

**ପଦ୍ମପୁର, ୩।୫ (ସମିସ):** ପ୍ରଚଣ୍ଡ ଗ୍ରୀଷ୍ମ ତାତି ସହ ରାଜନୀତିର ତାତି ପରିବେଶକୁ ସରଗରମ କରି ଦେଉଛି। ରାଜନୈତିକ ଦଳ ଗୁଡ଼ିକ ଖରାତାତିକୁ ଭୃକ୍ଷେପ ନକରି ପ୍ରଚାରରେ ଲାଗି ପଡ଼ିଛନ୍ତି। ଏଥିରେ ବିଜେଡି ମଧ ପ୍ରଚାରକୁ ଜୋର କରି ଦେଇଛି। ବିଧାୟିକା ବର୍ଷା ସିଂ ବରିହା ନିଜ ଦଳର ନେତୃମଣ୍ଡଳୀଙ୍କୁ ନେଇ ଝାରବନ୍ଧ ବ୍ଲକର ଅନଗୁଳ, ଡ଼ଭା, ପଲସଦା, ବଲାଙ୍ଗୀର, ଛୋଟ ଅନକୀ, ବଡ଼ ଅନକୀ ଆଦି ଉପାନ୍ତ ଅଞ୍ଚଳରେ ମାରାଥନ ପ୍ରଚାର କରିଛନ୍ତି। ବିଜେଡିକୁ ଭୋଟ ଦେଇ ରାଜ୍ୟର ବିକାଶ ସହ ମୁଖ୍ୟ ମନ୍ତ୍ରୀଙ୍କ ହାତ ମୁଠାକୁ ମଜବୁତ କରିବାକୁ ନିବେଦନ କରିଥିଲେ।

## ଭାଜପା ପ୍ରାର୍ଥୀ ଗୋବର୍ଦ୍ଧନଙ୍କ ନାମାଙ୍କନ



**ପଦ୍ମପୁର, ୩।୫ (ସମିସ):** ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଧାନସଭା ପ୍ରାର୍ଥୀ ଭାବେ ଗୋବର୍ଦ୍ଧନ ଭୋଏ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀର ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ। ପ୍ରଥମେ ସ୍ଥାନୀୟ ଅଶୋକପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପଦ୍ମପୁର ସହର ପରିକ୍ରମା କରିବା ପରେ ଶ୍ରୀ ଭୋଏ ସମର୍ଥକଙ୍କ ସହିତ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କ ସହିତ ସାଂସଦ ପ୍ରାର୍ଥୀ ପ୍ରଦୀପ ପୁରୋହିତ, ସରୋଜ ସାମଲ, ଗୋବର୍ଦ୍ଧନ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, ସୁରେନ୍ଦ୍ର ପ୍ରତାପ ସିଂ ବରିହା, ସରସ୍ୱତୀ ସାହୁ, ତ୍ରିପୁରା ବରିହା, ଅଶୋକ ମିଶ୍ର, ପ୍ରିତେଶ ବହିଦାର, ମଣ୍ଡଳ ସଭାପତି, ସରୋଜ ପାଣିଗ୍ରାହୀ, ଶ୍ରୀକାନ୍ତ ପାଣିଗ୍ରାହୀ, ଚିନ୍ମୟ ପଣ୍ଡା, ନଗର ମଣ୍ଡଳ ସଭାପତି ସୁନିଲ ଅଗ୍ରୱାଲ, ବରଗଡ଼ ଜିଲ୍ଲା ସଭାପତି ଅରୂପା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକ କୁବେର ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବରଗଡ଼, ୩।୫ (ସମିସ):** ବରପାଲି ବ୍ଲକ ଫୁଲାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ କୁବେର ସ୍ୱାଇଁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସଭା ଅବସରରେ ଫକିର ବାରିକ, ପରମେଶ୍ୱର ବାରିକ, ଶତ୍ରୁଘ୍ନ ମେହେର, ଶ୍ରଦ୍ଧାକର ବାରିକ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅର୍ଜୁନ ସ୍ୱାଇଁ, ଯାଦବ ଭୋଇ, ଜୟନ୍ତ ବାରିକ ଦୀପ ପ୍ରଜ୍ୱଳନରେ ସହଯୋଗ କରିଥିଲେ। ପୂର୍ବତନ ଛାତ୍ର ବିକାଶ ଭୋଇ ଦ୍ୱାରା ସଭା ସଂଯୋଜନା କରାଯାଇଥିବା ବେଳେ ଶିକ୍ଷକ ସରୋଜ ଭୋଇ ମୁଖ୍ୟବକ୍ତା ଭାବେ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବରପାଲି ସିଆରସିସି, ଶିକ୍ଷକ ବନ୍ତ ମେହେର, ଶିକ୍ଷକ ସୁରେନ୍ଦ୍ର ତାଣ୍ଡି, ବିଦ୍ୟାଧର ଭୋଇ, ଠାକୁର ମେହେର, ଡିଲେଶ୍ୱର ମେହେର, ପଞ୍ଚମ ମେହେର, ପର୍ଶୁରାମ ମେହେର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିବା ବେଳେ ଗୁରୁ ଶିଷ୍ୟର ନିବଡ଼ି ସମ୍ପର୍କ ବିଷୟରେ ପୁରାତନ ଛାତ୍ର, ଛାତ୍ରୀ ମାନେ ନିଜର ଅଭୁଲା ଅନୁଭୂତି ପ୍ରଦାନ କରିଥଲେ। ପରିଶେଷରେ ଶ୍ରଦ୍ଧାକର ବାରିକ ଓ ନିରୋଜ ସ୍ୱାଇଁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ରେମଣ୍ଡା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଥୁଆପାଲି, ୩।୫ (ସମିସ)**

ରେମଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଚତୁର୍ଥ ସଂସ୍କରଣ ରେମଣ୍ଡା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଆଇକନିକ୍ ଇଲେଭେନ ଓ ଏଏ ଇଲେଭେନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇ ଆଇକନିକ୍ ଇଲେଭେନ୍ ଚାମ୍ପିଆନ ହୋଇଥିଲା। ଏଏ ଇଲେଭେନ ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଙ୍ଗ ନେଇ ନିର୍ଦ୍ଧାରିତ ୧୨ ଓଭରରେ ୮ୱିକେଟ ହରାଇ ୧୩୪ ରନ୍ ସଂଗ୍ରହ କରିଥିଲା। ଜବାବ୍ ରେ ଆଇକନିକ ଇଲେଭେନ୍ ଦଳ ୧୦ ଓଭରରେ ୫ୱିକେଟ ହରାଇ ବିଜୟ ଲକ୍ଷ ହାସଲ କରି ଚାମ୍ପିଆନ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ, ଅତାବିରା ବିଧାୟିକା ତଥା ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ ଚାମ୍ପିଅନ ଦଳ ଓ ରନରଅପ ଦଳକୁ ଚେକ ଓ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଭେଡେନ ୨ ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ଅତାବିରା ଏନଏସି ଯୁବ ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସୁଦାମ ଜାଲ, ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ, ଅବସରପ୍ରାପ୍ତ ଶିକ୍ଷକ ସୁଶିଲ ଭୁଏ, ଯୁବ ନେତା ମୋହନ ଦୋରା, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ, ଆରଏମସି ନିର୍ଦ୍ଦେଶକ ପ୍ରକାଶ ସାହୁ, ସଂକ୍ରିଡ଼ା ପେକ୍ସ ସଭାପତି ସୁବ୍ରତ କୁମାର ଚାନ୍ଦ, ଅଶୋକ ନାୟକ ପ୍ରମୁଖ ମଞ୍ଚାସୀନଥିଲେ। ଆଜିର ମ୍ୟାଚକୁ ସୁରଜ ସାହୁ ଓ ଜଗାନନ୍ଦ କୁମ୍ଭାର ପରିଚାଳନା କରିଥିବାବେଳେ ସୁମିତ ବହିଦାର, ବାପି ସାହୁ, ଜୁଲୁ ଶତପଥୀ, ପ୍ରଭଞ୍ଜନ ଶତପଥୀ ଧାରାବିବରଣୀ ପ୍ରଦାନ କରିଥିଲେ। ଶେଷରେ ଜୁଲୁ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରେମଣ୍ଡା ପ୍ରିମିଅର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସମସ୍ତ ସଭ୍ୟ, ଖେଳାଳି ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



### ଠିକାଦାରଙ୍କ ଠାରୁ ନେଉଥିଲେ ଲାଞ୍ଚ

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ନିର୍ବାହୀ ଯନ୍ତ୍ରୀ

**ଝାରସୁଗୁଡ଼ା, ୩।୫(ସମିସ):** ଜଣେ ଠିକାଦାରଙ୍କ ବିଲ୍ ପାସ୍ କରାଇଦେବାକୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଲେ ଝାରସୁଗୁଡ଼ା ଆର୍ ଡବ୍ଲୁ ଏସ୍ ଏସ୍ ର ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ପାତ୍ର। କିର୍ମିରାର ଠିକାଦାର ଯତୀନ୍ଦ୍ର ଚୌଧୁରୀ ଆର୍ ଡବ୍ଲୁ ଏସ୍ ଏସ୍ ର କାମ କରିଥିଲେ। କାମର ମାପଚୂପ କରିବା ସହିତ ବକେୟା ଟଙ୍କା ପ୍ରଦାନ କରିବାକୁ ବାରମ୍ବାର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଅନୁରୋଧ କରି ନୟାନ୍ତ ହୋଇପଡ଼ିଥିଲେ। ଏହି କାମର ବିଲ୍ କରିବାକୁ ଯନ୍ତ୍ରୀ ରବୀନ୍ଦ୍ର ପାତ୍ର ୫୦ ହଜାର ଟଙ୍କା ମାଗିଥିଲେ। ଏନେଇ ଯତୀନ୍ଦ୍ର ଝାରସୁଗୁଡ଼ା ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଯତୀନ୍ଦ୍ର ଭିଜିଲାନ୍ସ ଦ୍ୱାରା ଦିଆଯାଇଥିବା କେମିକାଲ ବୋଳା ୫୦ ହଜାର ଟଙ୍କା ଧରି ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ପାତ୍ରଙ୍କୁ ଦେଇଥିଲେ। ରବୀନ୍ଦ୍ର ଏହି ଟଙ୍କାକୁ ନେବାପରେ ଲୋଚି ରହିଥିବା ଭିଜିଲାନ୍ସ ଟିମ୍ ଯତୀନ୍ଦ୍ରକୁ କାବୁ କରିନେଇଥିଲା। ଏନେଇ ରାଉରକେଲା ଭିଜିଲାନ୍ସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏଥିରେ ଝାରସୁଗୁଡ଼ା ସମେତ ସୁନ୍ଦରଗଡ଼ ଓ ରାଉରକେଲା ଭିଜିଲାନ୍ସ ଟିମ୍ ସାମିଲ ରହିଥିଲେ।



# ବାଇକ୍ ଓ ମୋବାଇଲ୍ ଲୁଟ୍ ଅଭିଯୋଗରେ ଜଣେ ଗିରଫ

**ବ୍ରଜରାଜନଗର, ୩।୫(ସମିସ):** ବାଇକ୍ ଓ ମୋବାଇଲ ଲୁଟ୍ ଅଭିଯୋଗରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅଧୀନ କୁଶମୁଣ୍ଡା ରୋହିଦାଶପଡ଼ାର ରାଜା ରୋହିଦାଶ(୨୪)ଙ୍କୁ ପୁଲିସ ଗିରଫ କରିଛି। ଏହାସହ ସହିତ ଲୁଟ୍ ବାଇକ୍ ଜବତ କରାଯାଇଛି। ରୋହିଦାଶ ଗତ ୨୯ ତାରିଖ ଦିନ ସନ୍ଧ୍ୟାରେ ଗାନ୍ଧୀଛକ ଅଞ୍ଚଳ ଖଲିଆମାଲର ଦେବାଶିଷ ସାହୁ ବାଇକ୍‌ରେ ଯାଉଥିବା ସମୟରେ ରାଜା ଆକ୍ରମଣ କରି ବାଇକ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ଏହା ସହିତ ବ୍ରଜରାଜନଗର ଥାନା ଅନ୍ତର୍ଗତ ଇଏସଆଇ ଛକ ଅଞ୍ଚଳର ଅଜିତ୍ ବୁଡାରଙ୍କ ମୋବାଇଲ୍ ମଧ୍ୟ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ଉଭୟ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ରାଜା ରୋହିଦାଶକୁ ଗିରଫ କରିବା ସହ ଅଭିଯୁକ୍ତ ନିକଟରୁ ଲୁଟ୍ ବାଇକ୍ ଜବତ କରାଯାଇଛି ଏବଂ ମୋବାଇଲ୍ ମିଳିପାରି ନ ଥିବା ତଦନ୍ତକାରୀ ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ସୂଚନା ଦେଇଛନ୍ତି।



### ଶଙ୍ଖମୟ ହେଲା ଝାରସୁଗୁଡ଼ା

# ବିଧାନସଭା ପ୍ରାର୍ଥୀନୀ ଦୀପାଳିଙ୍କ ନାମାଙ୍କନ ଦାଖଲ







**ଝାରସୁଗୁଡ଼ା, ୩।୫(ସମିସ)**

ଶୁକ୍ରବାର ସକାଳୁ ଝାରସୁଗୁଡ଼ା ସହର ଶଙ୍ଖମୟ ହୋଇଉଠିଥିଲା। ବିଜୁ ଜନତା ଦଳ ପକ୍ଷରୁ ନାମାଙ୍କନପତ୍ର ଦାଖଲ ପାଇଁ ବିଧାନସଭା ପ୍ରାର୍ଥିନୀ ଦୀପାଳି ଦାସ ଆସିଥିବାବେଳେ ଶଙ୍ଖମୟ ହୋଇ ଉଠିଥିଲା ସହର। ସୁନାରୀମୁଣ୍ଡା ପାଟମେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା କରିବାପରେ ଏକ ବିଶାଳ ଶୋଭାଯାତ୍ରା ମନମୋହନ ସ୍କୁଲରୁ ବାହାରିଥିଲା। ଝଣ୍ଡାପଡ଼ା, ମାଙ୍ଗଳବଜାର ଛକ, ରେଳ ଷ୍ଟେସନ,

**୧୫ ହଜାରରୁ ଅଧିକ କର୍ମୀଙ୍କ ଯୋଗଦାନ**

କନକ ଦୁର୍ଗା ମନ୍ଦିର, ପୁରୁଣା ବସ୍ତି ଛକ, ବସଷ୍ଟାଣ୍ଡ ଛକ, ବେହେରାମାଲ, କିସାନଛକ ଦେଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ସେଠାରୁ ଏସ୍‌ପି ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନବଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଦୀପାଳି। ଲଇକେରା, କୋଲାବିରା, କିର୍ମିରା ବ୍ଲକର ବିଭିନ୍ନ ପଞ୍ଚାୟତ ସମେତ ଝାରସୁଗୁଡ଼ା ସହରାଞ୍ଚଳ, ବେଲପାହାଡ଼, ବ୍ରଜରାଜନଗର ସମେତ ଲଖନପୁର ଅଞ୍ଚଳରୁ ହଜାରହଜାର ବିଜେଡି କର୍ମୀ ଏଥିରେ ଯୋଗଦେଇ ଥିଲେ। ଏହି ଶୋଭାଯାତ୍ରାରେ ୧୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ସମର୍ଥକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ୨୦୨୪ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳକୁ ଆଶୀର୍ବାଦ କରି ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଦୀପାଳି ଦାସ ଅନୁରୋଧ କରିଥିଲେ। ନାମାଙ୍କନ ଶୋଭାଯାତ୍ରାରେ ବରଗଡ଼ ଲୋକସଭା ପ୍ରାର୍ଥିନୀ ପରିଣିତା ମିଶ୍ର, ବ୍ରଜକିଶୋର ଦାସ, ମଞ୍ଜୁ ଦାସ, ଯୁଗଳ କିଶୋର ଦାସ, ସୁଧୀର ଦିୱାନ, ଜୁନେଷା ଦାସ ନିହାର ଦାସ, ସୁଶାନ୍ତ ମିଶ୍ର, ରାନୀ ହାତୀ, ବିଷ୍ଣୁ କେଡ଼ିଆ, ରବି ସିଂ, ରୋଜାଲିନ ପଟେଲ, ତାପସ ରାୟ ଚୌଧୁରୀ, ସନ୍ଦୀପ ଅୱସ୍ତି, ହରିଶ ଗଣତ୍ରା, ରାଜୁ ପାଣିଗ୍ରାହୀ, ଗୋବିନ୍ଦ ସିଂଘାଣିଆ, ବିଶ୍ୱନାଥ ତ୍ରିପାଠୀ, ପ୍ରତାପ ନନ୍ଦ, ସରିତା ଅଗ୍ରୱାଲ, ଦୀପା ନାଏକଙ୍କ ସହ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀ ଯୋଗ ଦେଇଥିଲେ। ଦିପାଳୀ ଦାସଙ୍କ ନାମାଙ୍କନପତ୍ର ଦାଖଲ ଶୋଭାଯାତ୍ରା ଅବସରରେ ବିଜେଡିର ବରଗଡ଼ ସାଂସଦ ପ୍ରାର୍ଥୀ ପରିଣିତା ମିଶ୍ର, ସୁଶାନ୍ତ ମିଶ୍ର, ରାନୀ ହାତୀ, ତାପସ ରାୟ ଚୌଧୁରୀ, ପିଣ୍ଟୁପାଢ଼ୀ, ରୀନା ସୁନା, ରାଜୁ ପାଣିଗ୍ରାହୀ, ଜୟନ୍ତ ଦୀକ୍ଷିତ୍, ରୋଜାଲିନ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

### ରାସ୍ତାସାରା ଥଣ୍ଡା ସର୍ବତ

ଦୀପାଳିଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା। ପ୍ରଚଣ୍ଡ ଖରାରେ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିବା କର୍ମୀ ମାନଙ୍କ ପାଇଁ ରାସ୍ତାସାର ପାନୀୟ ଜଳ, ଗ୍ଲୁକୋଜ ଓ ତରଭୁଜର ବ୍ୟବସ୍ଥା କରାଯାଇଥିଲା। କୌଣସି କର୍ମୀଙ୍କ ଏହି ଶୋଭାଯାତ୍ରାରେ ସ୍ୱାସ୍ଥ୍ୟଗତ କାରଣ ଦେଖାଦେଲେ ତାଙ୍କର ଉପଚାର ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

### ଭଉଣୀ ପଛେ ପଛେ ଭାଇ

ଆଜି ଦୀପାଳି ଦାସ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଝାରସୁଗୁଡ଼ାରେ ହୋଇଥିବା ଏହି ଅଦ୍ୱିତୀୟ ଶୋଭାଯାତ୍ରାରେ ଦୀପାଳିଙ୍କ ପଛେ ପଛେ ସବୁବେଳେ ତାଙ୍କ ବଡ଼ଭାଇ ବିଶାଳ ରହିଥିବା ଦେଖିବାକୁ ମିଳିଛି। ଏହି ଶୋଭାଯାତ୍ରା କେମିତି ଶୁରୁଖୁରୁରେ ଚାଲିବ ସବୁ କଥା ବିଶାଳ ବୁଝୁଥିବା ଦେଖିବାକୁ ମିଳିଛି। ଏହା ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଭଲ ପାଇବା ବୋଲି ବିଶାଳ ଦାସ କହିଛନ୍ତି।

# ଝାରସୁଗୁଡ଼ା ଓ ବ୍ରଜରାଜନଗରରୁ ୧୦ ଲେଖାଏଁ ନାମାଙ୍କନ

**ଝାରସୁଗୁଡ଼ା, ୩।୫(ସମିସ):** ନାମାଙ୍କନର ଶେଷ ଦିନରେ ଶୁକ୍ରବାର ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୧୦ ଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଦୀପାଳି ଦାସ, ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ, କଂଗ୍ରେସରୁ ଅମିତା ବିଶ୍ୱାଳ, ବିଏସପିରୁ କାର୍ତ୍ତିକେଶ୍ୱର ଘୁଗର ଓ ଝରଣା କିଶାନ, ନ୍ୟାସନାଲ ଆପନା ପାର୍ଟିରୁ କଳାକାର ନାଏକ, ସ୍ୱାଧୀନ ପ୍ରାର୍ଥୀ ଭାବେ ସଞ୍ଜିତା କିଶାନ, ସାଧନା ପାଣ୍ଡେ, ଜ୍ଞାନେନ୍ଦ୍ର ବେହେରା ଓ ଅମର ବଜାଜ ପ୍ରମୁଖ ୧୦ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ବିଜେଡିର ଅଳକା ମହାନ୍ତି, ବିଜେପିର ସୁରେଶ ପୂଜାରୀ, କଂଗ୍ରେସରୁ କିଶୋର ଚନ୍ଦ୍ର ପଟେଲ, ଆମ୍ ଆଦମୀ ପାର୍ଟିରୁ କୁମୁଦ ରଞ୍ଜନ ପ୍ରସାଦ, ସିପିଆଇରୁ ରମେଶ କୁମାର ତ୍ରିପାଠୀ, ସ୍ୱାଧୀନ ପ୍ରାର୍ଥୀ ସୁଜାତା ସୁନା, ସୁପ୍ରୀତ କୁମାର ବେହେରା, ହେମନ୍ତ କୁମାର ରଣା, ସୁମିତ କୁମାର ଶାହା ଓ ଅଭୟଭାରତୀ ଶେଖାୱତ ରାଜପୁତ ଜୈନ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ମାନସିକ ରୋଗୀଙ୍କୁ ଚିକିତ୍ସା ପାଇଁ ପଠାଗଲା

**ଝାରସୁଗୁଡ଼ା, ୩।୫(ସମିସ):** ଶୁକ୍ରବାର ଜିଲ୍ଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ଜଣେ ମାନସିକ ରୋଗୀଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଏଚ. କଟାପାଲିସ୍ଥିତ ମିଶନ ଆଶ୍ରାରେ ଭର୍ତ୍ତି କରାଯାଇଛି। ବେଲପାହାଡ଼ ଗୁମାଡେରାସ୍ଥିତ ଗୌନ୍ତିଆପଡ଼ାର ମହେଶ୍ୱର ଭୋଇଙ୍କ ଝିଅ ଦମୟନ୍ତୀ ମାନସିକ ରୋଗାକ୍ରାନ୍ତ ହୋଇଥିବା ବେଳେ ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଉପଯୁକ୍ତ ଚିକିତ୍ସା ଓ ଥଇଥାନ କରିବାକୁ ଅସମର୍ଥ ଥିଲେ। ସହାୟତା ପାଇଁ ମହେଶ୍ୱର ପାରାଲିଗାଲ ସ୍ୱେଚ୍ଛାସେବୀ ରୁବି ସିଂଙ୍କ ଜରିଆରେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆବେଦନ କରିଥିଲେ। ଦମୟନ୍ତୀଙ୍କ ଥଇଥାନ ଓ ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରାଧିକରଣ ସଚିବ ନେହା ଦାସ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଶୁକ୍ରବାର ଦମୟନ୍ତୀଙ୍କୁ ଚିକିତ୍ସା ପାଇଁ ମିଶନ ଆଶ୍ରାରେ ଭର୍ତ୍ତି କରାଯାଇଛି।




# ବ୍ରଜରାଜନଗର ମହାବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବ୍ରଜରାଜନଗର, ୩।୫(ସମିସ):** ବ୍ରଜରାଜନଗର ମହାବିଦ୍ୟାଳୟ ଅଧକ୍ଷ ସମୀର ରଞ୍ଜନ ନାୟକଙ୍କ ସ୍ୱଭାପତିତ୍ୱରେ ରାଷ୍ଟ୍ରୀୟ ସେବା ଯୋଜନା ତରଫରୁ ନବ ଦିବସିୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିକ୍ରମ ପ୍ରଧାନଙ୍କ ତତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ତାଲିମ ଶିବିରରେ ମୁଖ୍ୟ ପ୍ରଶିକ୍ଷକ ପ୍ରଶାନ୍ତ ପାଲଟା ସିଂ, ଅବିନାଶ ସାହୁ, ସହକାରୀ ଶିକ୍ଷକ ବର୍ଷା ସିଂ, ବିଭିନ୍ନ ପ୍ରକାର ଯୋଗାସନ, ପ୍ରାଣାୟାମ ସମ୍ପର୍କରେ ଶିକ୍ଷା ପ୍ରଦାନ କରୁଥିଲେ। ଡଃ ଦମୟନ୍ତି ମିଶ୍ର, ଡଃ ରତ୍ନପୂର୍ଣ୍ଣା ମହାନ୍ତି, ପଦ୍ମାବତୀ ମହାପାତ୍ର, ପୁଷ୍ପାଞ୍ଜଳି ସାହୁ, ସଙ୍ଗୀତା ସାହୁ, ସୌମ୍ୟରଞ୍ଜନ ସାହୁ, ଚନ୍ଦନୀ ବିଶ୍ୱାଳ, ମନୋଜ ପାଟଜୋଶୀ, ପ୍ରକାଶ ପଟ୍ଟନାୟକ, ଶ୍ୱେତା ସାହାଣୀ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁପ୍ରକାଶ ଚୌଧୁରୀ, ପଦ୍ମିନୀ ଚୌଧୁରୀ, ବିକ୍ରମ ପ୍ରଧାନ, ରତ୍ନପୂର୍ଣ୍ଣା ମହାନ୍ତି, ପଦ୍ମାବତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଏଲଏନ୍ କଲେଜରେ ସ୍ୱଳ୍ପକାଳୀନ ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଉଦ୍‌ଯାପିତ

**ଝାରସୁଗୁଡ଼ା, ୩।୫(ସମିସ):** ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ ତଥା ସମ୍ପର୍କ କୌଶଳ ପ୍ରଶିକ୍ଷଣ ଉପରେ ଗତ ଫେବୃଆରୀ ମାସରୁ ତିନିମାସ ଧରି ଜାରି ରହିଥିବା ସ୍ୱତନ୍ତ୍ର ଶିକ୍ଷାଦାନ ଶୁକ୍ରବାର ଉଦଯାପିତ ହୋଇଛି। ଏହି ଅବସରରେ ସ୍ୱତନ୍ତ୍ର ଭାବରେ ବ୍ୟକ୍ତିତ୍ୱ ବିକାଶ, ଇଂରାଜୀ ଭାଷାରେ ଦକ୍ଷତା, ସାମୂହିକ ଆଲୋଚନା, ତର୍କ, ପ୍ରବନ୍ଧ, ବ୍ୟାକରଣଆଦି ଉପରେ ଅଭିଜ୍ଞ ଅଧ୍ୟାପକ ଅଧ୍ୟାପିକାମାନେ ଶିକ୍ଷାଦାନ କରିଥିଲେ। ଏଥିରେ ଭାଗ ନେଇଥିବା ୨୮ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ଇଂରାଜୀ ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର ପୌରୋହିତ୍ୟ କରିଥିଲେ। ପ୍ରାଧ୍ୟାପକ ତପନ କୁମାର ବାରିକ, ବିଜ୍ଞାନ ଭୂଷଣ ଭଞ୍ଜ, ଇଂରାଜୀ ବିଭାଗ ମୁଖ୍ୟ ପୂର୍ଣ୍ଣିମାମୟୀ ଦାଶ, ସ୍ୱୀକୃତି ତନୟା ଗିରି, ରୋହନୀ ବକ୍ସଲା, ଅଧ୍ୟାପିକା ଡ. ଶୁଭଲକ୍ଷ୍ମୀ ବାରିକ ତଥା ଛାତ୍ରଛାତ୍ରୀମାନେ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।



# ବେଲପାହାଡ଼ରେ କଂଗ୍ରେସର ମିଶ୍ରଣ ପର୍ବ

**ଝାରସୁଗୁଡ଼ା, ୩।୫(ସମିସ):** ବ୍ରଜରାଜନଗର ବିଧାନସଭା ଆସନ କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲ ଲଖନପୁର ବ୍ଲକ ଓ ବେଲପାହାଡ଼ ସହରରେ ମାରାଥନ ପ୍ରଚାର ଜାରି ରଖିଛନ୍ତି। ଶୁକ୍ରବାର କିଶୋର ପ୍ରଥମେ କୁମ୍ଭାରବନ୍ଧ ଓ ଦଳଗାଁରେ ନିର୍ବାଚନ ପ୍ରଚାର କରିଥିଲେ। ସେହିପରି ସନ୍ଧ୍ୟାରେ ବେଲପାହାଡ଼ ସହରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇଥିଲେ। ଏଥିରେ କିଶୋରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଭିନ୍ନ ଦଳର ୨ ଶହରୁ ଅଧିକ କର୍ମୀ କଂଗ୍ରେସରେ ଯୋଗଦେଇଛନ୍ତି। ଯୁବ କର୍ମୀ ପୁରୁଷୋତ୍ତମ ବରର୍ତ୍ତି ଓ ଆକାଶ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଏହି କର୍ମୀମାନେ ଦଳରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ପ୍ରଧାନ, ବ୍ଲକ ସଭାପତି ଲିଙ୍ଗରାଜ ବଢ଼େଇ, ବେଲପାହାଡ଼ ନଗର ସଭାପତି ଭାସ୍କର ପଟେଲ, ବରିଷ୍ଠ କର୍ମୀ ରାଜେଶ ଶୁକ୍ଲା, ପୁରୁଷୋତ୍ତମ ଜୟସ୍ୱାଲ, ଶକ୍ତି ମିଶ୍ର, ତାହିର ଖାନ, ଅନୀଲ ଭୋଇ, ବିଦ୍ୟାଧର ନାଏକ, ରବୀନ୍ଦ୍ର ପ୍ରଧାନ, ପ୍ରଦୀପ ବାନୀ, ବୁଲୁ ରଥ ପ୍ରମୁଖ ଉପସ୍ଥିତ ଥିଲେ।



# ବିଜେପି ବିରୋଧରେ ଗର୍ଜିଲା ସମ୍ମିଳିତ ଆଦିବାସୀ ସମାଜ

**ଝାରସୁଗୁଡା, ୩।୫(ସମିସ)**

ବିଜେପି ବିରୋଧରେ ସମ୍ମିଳିତ ଆଦିବାସୀ ସମାଜ ଗର୍ଜିଛି। କାପୁମାଲ ଗୋଁଣ୍ଡୱାନା ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ମିଳିତ ଆଦିବାସୀ ସମାଜ ଅଭିଯୋଗ କରିଛି ଯେ, ସମ୍ମିଳିତ ଆଦିବାସୀ ସମାଜର ପ୍ରତିନିଧି ୧୦ ଥର ଦିଲ୍ଲୀ ଯାଇ ଲଇକେରା ଓ କିର୍ମିରା ବ୍ଲକକୁ ଆଇଟିଡିଏରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ଜଣାଇଛି। କେନ୍ଦ୍ରର ତତ୍କାଳୀନ ଆଦିବାସୀ ବ୍ୟାପାର ମନ୍ତ୍ରୀ ଓଡ଼ିଶା ରାଜ୍ୟରୁ ନିର୍ବାଚିତ ହୋଇଥିଲେ ମଧ୍ୟ ଜୁଏଲ ଓରାମ ରାଜ୍ୟର ସାମ୍ବିଧାନିକ ଉଚିତ ପ୍ରସ୍ତାବକୁ ଅନୁମୋଦନ ନ କରି ଏହି ଅଞ୍ଚଳର ଆଦିବାସୀଙ୍କୁ ପ୍ରତାରଣା କରିଥିଲେ। ପରବର୍ତ୍ତୀ କେନ୍ଦ୍ର ସରକାରରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ରାଷ୍ଟ୍ରପତିଙ୍କୁ ବାରମ୍ବାର ସାକ୍ଷାତ କରି ଜଣାଇବା ସହିତ ଓଡ଼ିଶାର ସମସ୍ତ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ବାରମ୍ବାର ସାକ୍ଷାତ କରି ସମ୍ମିଳିତ ଆଦିବାସୀ ସମାଜ ଜଣାଇଥିଲା। ଶେଷରେ ସମ୍ମିଳିତ ଆଦିବାସୀ ସମାଜ ନିରାଶ ହୋଇ ହାଇକୋର୍ଟରେ ପିଟିସନ ଦାଖଲ କରିଥିଲା। ୨୦୨୨ ସେପ୍ଟେମ୍ବର ୨ରେ ନ୍ୟାୟାଳୟର ଆଦେଶ ମତେ ବାଧ ହୋଇ କେନ୍ଦ୍ର ସରକାର ୨୦୨୨ ନଭେମ୍ବର ୨୪ରେ ଲଇକେରା ଓ କିର୍ମିରା ବ୍ଲକ ଆଇଟିଡିଏରେ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁମୋଦନ କରିଥିଲା। ଅନୁମୋଦନ ହୋଇଥିଲେ ମଧ୍ୟ ଦେଢ଼ ବର୍ଷ ହେଲା କୌଣସି ପାଣ୍ଠି କେନ୍ଦ୍ର ସରକାର ନ ଦେବା ଆଦିବାସୀଙ୍କ ପ୍ରତି ବୈମାତୃକ ଭାବ ସୃଷ୍ଟି କରିଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ଝାରସୁଗୁଡା ବିଧାନସଭା ଆସନର ବେଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ପ୍ରମୁଖ ଲଇକେରାରେ ହୋଇଥିବା ସଭାରେ କହିଥିଲେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଚିଠିରେ ଲଇକେରା ଓ କିର୍ମିରା ବ୍ଲକ ଆଇଟିଡିଏର ଅନ୍ତର୍ଭୁକ୍ତ ହୋଇଛି। ଏହା ସମ୍ପୂର୍ଣ୍ଣ ମିଛ। କେନ୍ଦ୍ରମନ୍ତ୍ରୀ ସମ୍ପୃକ୍ତ ଫାଇଲ ଯାଞ୍ଚ କରନ୍ତୁ। ଏପରି ମିଛ ପ୍ରଚାରରୁ ନିବୃତ୍ତ ରୁହନ୍ତୁ। କୋଲାରା ବ୍ଲକର ପୁନଃ ଜନସଂଖ୍ୟା ସର୍ଭେ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ମାଗିଥିବା ୨୮ ଲକ୍ଷ ଟଙ୍କା ମଞ୍ଜୁର ନ କରି ପ୍ରସ୍ତାବ ଫେରାଇ ଦେଇଥିଲେ। ଏହା ଫଳରେ କୋଲାବିରା ବ୍ଲକକୁ ଆଇଟିଡିଏରେ ଅନ୍ତର୍ଭୁକ୍ତ କରିବା ଆଶା ମଉଳି ଯାଇଛି। ଅନ୍ୟପକ୍ଷରେ ସମ୍ବଲପୁର ଜିଲ୍ଲାର ଯୁଜୁମୁରା ବ୍ଲକକୁ ଆଇଟିଡିଏର ଅନ୍ତର୍ଭୁକ୍ତ କରିବା ପାଇଁ ବିଧିବଦ୍ଧ ପ୍ରସ୍ତାବ ରାଜ୍ୟ ସରକାର ୨୦୧୭ ନଭେମ୍ବରରୁ କେନ୍ଦ୍ର ସରକାରଙ୍କୁ ପଠାଇ ଥିଲେ ମଧ୍ୟ ଦୀର୍ଘ ୭ ବର୍ଷ ହେଲା କେନ୍ଦ୍ର ସରକାରଙ୍କ ପାଖରେ ପଡ଼ିରହିଛି। ଏ ବିଷୟରେ ବାରମ୍ବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାଇଲା ପରେ ଏକ ଚିଠି ଲେଖି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ମୁଣ୍ଡାଙ୍କୁ ଜଣାଇଥିଲେ; ହେଲେ ଫଳପ୍ରଦ ହୋଇନାହିଁ। ବର୍ତ୍ତମାନ ଏହି ପ୍ରସ୍ତାବଗୁଡ଼ିକୁ ଲୁଚାଇବା ପାଇଁ ନୂଆ ନୂଆ ମିଛ ପ୍ରତିଶ୍ରୁତି ଦିଆଯାଉଛି। ନିର୍ବାଚନ ହାରିବା ଭୟରେ ଧର୍ମେନ୍ଦ୍ର ଭୟଭୀତ ବୋଲି ସମ୍ମିଳିତ ଆଦିବାସୀ ସମାଜ କହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ତଥା ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାଏକ, ଜିଲ୍ଲା ସଭାପତି ଡମ୍ବରୁଧର ନାଏକ, ମାଧବ ସିଂହ ନାଏକ, ପ୍ରମୁଖ ସଚିବ ଅଶୋକ ମାଝୀ, ପ୍ରଭାକର ଓରାମ, ବିନୋଦ ବାଗ, ପ୍ରେମସାଗର ଧୁରୁଆ, ତ୍ରିଲୋଚନ ଡନସନା, ବାସୁଦେବ ଧୁରୁଆ, ରାଜେଶ ନେଟୀ, ଗଙ୍ଗାଧର ଭୋଇ ଉପସ୍ଥିତ ଥିଲେ।




# ପ୍ରଗତିଶୀଳ ଶ୍ରମିକ ମଞ୍ଚ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ

**ଝାରସୁଗୁଡ଼ା, ୩।୫(ସମିସ):** ପ୍ରଗତିଶୀଳ ଶ୍ରମିକ ମଞ୍ଚ ପକ୍ଷରୁ ବୁଧବାର ବିଶ୍ୱ ଶ୍ରମିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ଶୋଭାଯାତ୍ରା ଓ ସଭା ଆୟୋଜିତ ହୋଇଥିଲା। ଶୋଷଣମୂଳକ ପୁଞ୍ଜିବାଦୀ ବ୍ୟବସ୍ଥାର ପତନ ଓ ଏକ ଶୋଷଣମୁକ୍ତ ସମାଜ ଗଠନ ପାଇଁ ଉଦ୍ୟମ କରିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ଶ୍ରମିକ ବିରୋଧୀ, ଜଳ-ଜମି-ଜଙ୍ଗଲ ଲୁଟେରା ତଥା ସାମ୍ପ୍ରଦାୟିକ ରାଜନୈତିକ ଦଳଗୁଡ଼ିକୁ ପରାସ୍ତ କରିବା ସହ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ସମ୍ମିଳିତ ସଂଗ୍ରାମ କରିବାକୁ ଆହ୍ୱାନ ଦିଆଯାଇଛି। ସହସ୍ରାଧିକ ଶ୍ରମଜୀବୀ ମହିଳା ଓ ପୁରୁଷ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିକୁ ଖାତିର ନ କରି ବିଶାଳ ଶୋଭାଯାତ୍ରାରେ ଝାରସୁଗୁଡ଼ା ସହର ପରିକ୍ରମା କରିବା ସହ ଶିଳ୍ପାଞ୍ଚଳରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ପ୍ରଗତିଶୀଳ ଶ୍ରମିକ ମଞ୍ଚ ଆବାହକ ରକ୍ଷାକର ଅନୁପମଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ନେତା ସେକ୍ ଅବଦୁଲ ୱାଲି, ମାନବାଧିକାର କର୍ମୀ ତଥା ଜନଆନ୍ଦୋଳନର ସାଥୀ ନରେନ୍ଦ୍ର ମହାନ୍ତି, ସର୍ବୋଦୟ ମଣ୍ଡଳର ସଚିବ ରମାକାନ୍ତ ମଣ୍ଡଳ, ସାମାଜିକ କାର୍ଯ୍ୟକର୍ତ୍ତା ସ୍ନେହାଂଶୁ ଜେନା, ବୀମା କର୍ମଚାରୀ ନେତା ରତ୍ନାକର ପ୍ରଧାନ, ଭିଏତନାମରେ ଅବସ୍ଥାନ କରୁଥିବା ଯୋଗ ଶିକ୍ଷକ ଭାଗୀରଥି, ସାମାଜିକ କର୍ମୀ ରମେଶ ସ୍ୱାଇଁ ପ୍ରମୁଖ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଶ୍ରମଜୀବୀ ମହିଳାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ମଞ୍ଚର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ସ୍ୱାଧୀନ ଶ୍ରମିକ ସଂଗଠନଗୁଡ଼ିକର ଜାତୀୟ ମଞ୍ଚ ପକ୍ଷରୁ ପ୍ରଗତିଶୀଳ ଶ୍ରମିକ ମଞ୍ଚ ପ୍ରତି ସଂହତି ଜ୍ଞାପନ କରାଯାଇଥିଲା।

## ଏନ୍‌ଏସ୍‌ସିବି କଲେଜରେ 'ଜଳ ହିଁ ଜୀବନ' ସମ୍ପ୍ରସାରଣ କାର୍ଯ୍ୟକ୍ରମ

**ସମ୍ବଲପୁର,୩।୫(ସମିସ):** ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଅତି ମାତ୍ରାରେ ବଢ଼ିଯାଇଛି। ମଣିଷଠାରୁ ଆରମ୍ଭ କରି ସମସ୍ତ ଜୀବଜଗତ ଗ୍ରୀଷ୍ମପ୍ରବାହରେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଅଭିନବ ପଦକ୍ଷେପ ଜଳ ହିଁ ଜୀବନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କଲେଜର ଅଧକ୍ଷ ଡ. ପ୍ରଦୀପ କୁମାର ହରପାଳ ଏହାର ଅଧକ୍ଷତା କରିଛନ୍ତି। କଲେଜ ପରିସରରେ ଥିବା ବୃକ୍ଷଗୁଡ଼ିକରେ ଏନଏସଏସ ସ୍ୱଚ୍ଛାସେବୀ ଶିବ ସେଠ, ମାସୁଦ ଆଲମ, ବିକାଶ ରଣା ପ୍ରମୁଖ ଜଳ ଭର୍ତ୍ତି କରି ଠେକି ଟାଙ୍ଗି ଥିଲେ। ଏହା ସହିତ କ୍ୟାମ୍ପସ ବାହାରେ ଜଳ ଛତ୍ରର ବ୍ୟବସ୍ଥା କରାଯାଇଛି। ଯାହା ଦ୍ୱାରା ପଥଚାରୀ, ଶ୍ରମିକ ମାନେ ଥଣ୍ଡା ପାନୀୟ ଜଳ ପାଇ ପାରିବେ ଓ ବାହାରେ ମଧ୍ୟ ଜୀବଜନ୍ତୁଙ୍କ ପାଇଁ ପାଣି ବ୍ୟବସ୍ଥା କରାଯାଇଛି। ଏନଏସ ପ୍ରୋଗାମ ଅଫିସର ମିଲି ସାହୁ ଏହାକୁ ପରିଚାଳନା କରିଥିଲେ ଓ ଅଧ୍ୟାପକ ବିଶ୍ୱଜିତ ମହାନ୍ତି ସହଯୋଗ କରିଥିଲେ।



## ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଶୋକସଭା

**ସମ୍ବଲପୁର,୩।୫(ସମିସ):** ସମ୍ବଲପୁରର ବିଶିଷ୍ଟ ସମାଜସେବୀ ତଥା ସାଂସ୍କୃତିକ ସଙ୍ଗଠକ ସରୋଜ କୁମାର ଦାଶଙ୍କ ସ୍ମୃତିରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଆଜି ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସମାଜର ଉପସଭାପତି ଶିବନାରାୟଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପ୍ରଫୁଲ୍ଲ କୁମାର ହୋତା ସଭା ସଂଯୋଜନା କରିଥିଲେ। ଉତ୍ସର୍ଗ ପକ୍ଷରୁ ପ୍ରଶାନ୍ତ ପାଟଯୋଶୀ ଏବଂ ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ ରାମାନୁଜ ପଣ୍ଡା ମଞ୍ଚାସୀନ ଥିଲେ। ସମ୍ପାଦକ ଡ.ସିଦ୍ଧାର୍ଥ ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସଭାରେ ଉତ୍ସର୍ଗ, ପବ୍ଲିକ ଲାଇବ୍ରେରୀ, ବାର ଏସୋସିଏସନ, ବରିଷ୍ଠ ନାଗରିକ ପରିଷଦ, ଅନ୍ୟା, ଭାଗବତ ନନ୍ଦ ସ୍ମୃତି କମିଟି, ଯୁବଦୟନ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ, ଚିତ୍ରୋତ୍ପଳା ଯୁବକ ସଂଘ, ପଶ୍ଚିମାଞ୍ଚଳ ଏକତା ମଞ୍ଚ, ଜିଲ୍ଲା ସ୍କୁଲ ପୁରାତନ ଛାତ୍ରସଂସଦ, କଖଗ, ସମ୍ବଲପୁରୀ ଲେଖକ ପରିଷଦ, ସମ୍ବଲପୁର କଳା ପରିଷଦ, ସମ୍ବଲ, କୁହାର ପରିବାର, ଜ୍ୟୋତି, ଭୀମ ଭୋଇ ସାହିତ୍ୟ ସଂସଦ, ଓଷ୍ଟା, ଯାଦବ ସମାଜ, ଅଦୃଶ୍ୟ ନାଟ୍ୟ ଆଶ୍ରମ ଭଳି ବିଭିନ୍ନ ସାମାଜିକ, ସାଂସ୍କୃତିକ, ସାହିତ୍ୟ ଓ ନାଟ୍ୟାନୁଷ୍ଠାନରୁ ଶତାଧିକ ସଂଖ୍ୟାରେ ସଦସ୍ୟମାନଙ୍କ ସମେତ ଅରବିନ୍ଦ ମହାପାତ୍ର, ଡ. ଦ୍ୱାରିକାନାଥ ନାୟକ, ପ୍ର.ଶଙ୍କର ପ୍ରସାଦ ପତି, ଡ.ଶ୍ୟାମସୁନ୍ଦର ଧର, ଡ. ବିଜୟ ପ୍ରଧାନ ଯୋଗଦେଇ ସ୍ୱର୍ଗତ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଏକାଧାରରେ ଜଣେ ସମାଜସେବୀ, ରକ୍ତଦାତା, ନାଟ୍ୟକର୍ମୀ ଅଭିନେତା ଭାବରେ ଲୋକପ୍ରିୟ ଥିଲେ। ସମାଜ ପ୍ରତି ସଚ୍ଚୋଟ ଭାବରେ ସେ ଜଣେ ସମର୍ପିତ ବ୍ୟକ୍ତି ଥିଲେ ବୋଲି ସଭାରେ ଆଲୋଚନା ହୋଇଥିଲା।




### ଜେଲ୍ ଛକ-ଚାରଭାଟି ଛକ ରାସ୍ତା ସମସ୍ୟା

# କାହା ଚାପରେ ଅଟକିଯାଇଛି ପ୍ରଶସ୍ତୀକରଣ କାର୍ଯ୍ୟ

**ସମ୍ବଲପୁର, ୩।୫(ସମିସ)**

ସମ୍ବଲପୁର ସହରରେ ଜନସଂଖ୍ୟା ବଢ଼ିବା ସହ ଯାନବାହାନ ସଂଖ୍ୟା ବଢ଼ିବାରେ ଲାଗିଛି।



ସେଥିପାଇଁ ସହର ଭିତର ସମସ୍ତ ରାସ୍ତାରେ ନିତିଦିନ ରାସ୍ତା ଜାମ ହେଉଛି। ସେହି ଦୃଷ୍ଟିରୁ ସହରର ରାସ୍ତାଗୁଡ଼ିକର ପ୍ରଶସ୍ତିକରଣର ଆବଶ୍ୟକତା ରହିଛି। ସମ୍ବଲପୁରର ଏକ ମୁଖ୍ୟ ରାସ୍ତା ଧନୁପାଲି ଛକରୁ ଜେଲଛକ ରାସ୍ତାର ପ୍ରଶସ୍ତିକରଣ ତଥା ଦୁଇଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ୨ବର୍ଷ ହେଲାଣି ଆରମ୍ଭ ହୋଇଛି। ଯାହା ସମ୍ବଲପୁରବାସୀଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ବର୍ଷବ୍ୟାପୀ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନପାରିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ସମ୍ବଲପୁରର ସୂର୍ଯ୍ୟ ପାଣିଗ୍ରାହୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ତଥା ପୂର୍ତ୍ତ ବିଭାଗ ଓ ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଶ୍ରୀ ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି ଯେ, ରାସ୍ତା ନିର୍ମାଣ ସମୟରେ ଜମି ଅଧିଗ୍ରହଣବେଳେ ଟିଭିଏସ୍ ସୋ-ରୁମ୍‌ର ସିଡ଼ି ରାସ୍ତା ଭାଙ୍ଗି ଦିଆଗଲା। ରାସ୍ତା ସମ୍ପ୍ରସାରଣ ପାଇଁ ବଜାର ଇଣ୍ଡିଆର ରାସ୍ତା ତଥା ଅନେକ ଘର ମଧଭାଙ୍ଗି ଦିଆଗଲା। କିନ୍ତୁ କାହାର ଚାପରେ କି କାହାର ନିର୍ଦ୍ଦେଶରେ ଟିଭିଏସ୍ ସୋ-ରୁମ ଓ ସିଆର୍‌ପିଏଫ୍ ମଝିରେ ଥିବା ଜମି ମାଲିକଙ୍କର ବାଉଣ୍ଡ୍ରି କାହିଁକି ଭଙ୍ଗା ଯାଉନି କି ଜମି ଅଧିଗ୍ରହଣ ବି କରାଯାଉନି। ଯାହା ପାଇଁ ରାସ୍ତା ନିର୍ମାଣ ମଧ୍ୟ ଅଟକି ଯାଇଛି ଏବଂ ସଙ୍କୁଚିତ ହୋଇଯାଇଛି। ଯଦ୍ୱାରା ବଡ଼ବଡ଼ ଯାନବାହନ ଗଲା ସମୟରେ ରାସ୍ତା ଦୁର୍ଘଟଣାର ସମ୍ଭାବନା ସୃଷ୍ଟି ହେଉଛି। ଏହି ବିଷୟକୁ ଅବିଳମ୍ବେ ଗୁରୁତ୍ୱର ସହ ବିଚାର କରି ସମସ୍ୟାର ସମାଧାନ କରିବାକୁ ଶ୍ରୀ ପାଣିଗ୍ରାହୀ ପ୍ରଶାସନ ପାଖରେ ଦାବି ଉପସ୍ଥାପନ କରିଛନ୍ତି। ଏହାର ତୁରନ୍ତ ସମାଧାନ ନ କଲେ ଯଦି ଆଗାମୀ ଦିନରେ ରାସ୍ତାର ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ସାଂଘାତିକ ମୋଟର ଦୁର୍ଘଟଣା ସାଂଘଟିତ ହୁଏ ତା'ହେଲେ ସେଥିପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରେସ୍ ବିବୃତି ପ୍ରକାଶ କରିଛନ୍ତି।



## ଅସଜ୍ଞାତ ଅବସ୍ଥାରେ ଧରାପଡ଼ିଲେ ବ୍ୟକ୍ତି

**ସମ୍ବଲପୁର, ୩।୫(ସମିସ):** ବରେଇପାଲି ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଅସଜ୍ଞାତ ଅବସ୍ଥାରେ ଧରାପଡ଼ିଛନ୍ତି। ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବୌଦ୍ଧ ଅଞ୍ଚଳରୁ ଆସି ଆର୍ତ୍ତ ମେହେର ନାମକ ଜଣେ ବ୍ୟକ୍ତି ଏଠାରେ ସଫେଇ କାମ କରୁଥିଲେ। ସେ ବରେଇପାଲି ଆର୍‌ଏମ୍‌ସି ପାଖରେ ରହୁଥିଲେ। ତେବେ ଜଣେ ମହିଳାଙ୍କ ସହ ଅସଜ୍ଞାତ ଅବସ୍ଥାରେ ଥିବା ବେଳେ ସେଠାକାର କିଛି ଲୋକଙ୍କ ହାତରେ ଧରାପଡ଼ିଥିଲେ। ପରେ ସେମାନେ ପୁଲିସ ଜିମାରେ ଦେଇଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ୮୭ ହଜାର ଟଙ୍କା ଜବତ

**ସମ୍ବଲପୁର, ୩।୫(ସମିସ):** ନିର୍ବାଚନ ସମୟ ପାଖେଇ ଆସିଲାଣି। ଏଥିପାଇଁ ସମ୍ବଲପୁର ସହରର ବିଭିନ୍ନ ଛକରେ ଜୋରଦାର ଚଢ଼ଉ ହେଉଛି। ଆଜି ବରେଇପାଲି ଥାନା ରେମେଡ-କ୍ଷେତରାଜପୁର ରାସ୍ତାରେ ଗାଡ଼ି ଯାଞ୍ଚ ହେଉଥିବା ବେଳେ ଏକ କାରକୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରୁ ୮୭ ହଜାର ୮୨୦ ଟଙ୍କା ଜବତ ହୋଇଛି। କ୍ଷେତରାଜପୁର ଥାନା ଅଞ୍ଚଳରେ ପୁଲିସ ଚେକିଂ ବେଳେ ଏହି ଟଙ୍କା ଜବତ ହୋଇଛି। ତେବେ ଟଙ୍କା କେଉଥି ପାଇଁ ନେଉଥିଲେ ତାହା ସେ ସ୍ପଷ୍ଟ କରିପାର ନଥିବା ଜଣାପଡ଼ିଛି।

## ବାଇକ୍ ଚୋରି ଅଭିଯୋଗ

**ବୁର୍ଲା, ୩।୫(ସମିସ):** ବୁର୍ଲା ସହର ଇନ୍ଦିରଛକ ନିକଟସ୍ଥ ଏକ କ୍ୱାର୍ଟରରୁ ବାଇକ୍ ଚୋରି ଅଭିଯୋଗ ହୋଇଛି। ଏନେଇ ରାଧାବଲ୍ଲଭ ବେହେରା ନାମକ ଜଣେ ବ୍ୟକ୍ତି ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଓଡି ୧୫ଏଚ ୯୦୩୧ ନମ୍ବର ବିଶିଷ୍ଟ ବାଇକକୁ ରାଧାବଲ୍ଲଭ ନିଜ ଘର ସମ୍ମୁଖରେ ରଖିଥିଲେ। ତେବେ ସନ୍ଧ୍ୟା ସମୟରେ ଆସିବାବେଳକୁ ସେହି ବାଇକ ଆଉ ନଥିଲା। ବହୁ ଖୋଜାଖୋଜି କରିବା ପରେ ସେ ବାଇକ୍ ନପାଇବାକୁ ବୁର୍ଲା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ବୁର୍ଲା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମାରପିଟ ସହ ହତ୍ୟା ଧମକ

**ସମ୍ବଲପୁର, ୩।୫(ସମିସ):** ଅଇଁଠାପାଲି ଥାନା ଅନ୍ତର୍ଗତ ବୁଢାରଜା ଅଞ୍ଚଳର ମଦନ ସାହୁଙ୍କ ମାଡପିଟ କରିଥିବା ଅଭିଯୋଗରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ମଦନ ଏକ ଦୋକନ ଆଗରେ ଛିଡା ହୋଇଥିବା ସମୟରେ ପ୍ରଦୀପ ବାଗ, ଶ୍ରୀମୁଖ ବାଗ ଓ ଗୁପ୍ତେ ବାଗ ତିନି ଜଣ ଆସି କୌଣସି କଥାକୁ ନେଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ପରେ ମଦନ ମନା କରିବାରୁ ସେମାନେ ମାଡ ମାରିବ ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଇଁଠାପାଲି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଦୁଇ ନାବାଳିକା ଦୁର୍ଷ୍କର୍ମ ଘଟଣା
## ଜଣକୁ ୨୦ ବର୍ଷ, ଅନ୍ୟଜଣକୁ ଆଜୀବନ ଜେଲ୍

**ସମ୍ବଲପୁର, ୩।୫(ସମିସ):** ସମ୍ବଲପୁର ସ୍ୱତନ୍ତ୍ର ପସ୍କୋ କୋର୍ଟରେ ଆଜି ଦୁଇଟି ନାବାଳିକା ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ ପାଇଛି। ଗୋଟିଏ ମାମଲାରେ ଦୋଷୀଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇଥିବାବେଳେ ଅନ୍ୟ ଏକ ମାମଲାର ଦୋଷୀଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ସ୍ୱତନ୍ତ୍ର ପସ୍କୋ କୋର୍ଟ ଚିଚାରପତି ଆର୍‌ଏଲ୍ ପଣ୍ଡା ମାମଲାର ଶୁଣାଣି କରିଥିଲେ। ଅଭିଯୁକ୍ତ କ୍ଷୀରୋଦ ଚୈଧୁରୀଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏହାସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଆଉ ଏକବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୯ ମସିହା ନଭେମ୍ବର ୩ତାରିଖ ମହୁଲପାଲି ଥାନା ଅଞ୍ଚଳରେ ହୋଇଥିଲା ଏହି ଅମାନୁଷିକ ଘଟଣା। ପୀଡ଼ିତା ଘରେ ଏକା ଥିବାବେଳେ ଅଭିଯୁକ୍ତ ଏହାର ସୁଯୋଗ ନେଇ ଘର ଭିତରକୁ ପସି ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା। ବାପାମାଆ ଆସିବା ପରେ ନାବାଳିକା ସବୁ କଥା କହିଥିଲେ। ପରେ ପରିବାର ଥାନାରେ ଅଭିଯୋଗ କରିଥିଲେ। ସେହିପରି ୨୦୨୦ ମସିହା ଜାନୁଆରୀ ୨୬ ତାରିଖରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିଲା। ଘଟଣାର ଅଭିଯୁକ୍ତ ଅନୀଲ ଖଡ଼ିଆକୁ ଦୋଷୀ ସାବ୍ୟସ୍ତ କରି ବିଚାରପତି ଅଭିଲାଷ ସେନାପତି ୨୦ବର୍ଷ ଜେଲ ଦଣ୍ଡ ଦେଇଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଏକବର୍ଷ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ନାବାଳିକାର ସାନ ଭାଇକୁ ଚକଲେଟ ଖାଇବାକୁ ଦେଇ ବାଇକ୍‌ରେ ନିଛାଟିଆ ସ୍ଥାନରେ ଦୁଷ୍କର୍ମ କରିଥିଲେ। ଦୁଷ୍କର୍ମ କରିବା ପରେ ପୁଣି ଆଣି ଛାଡ଼ି ଦେଇଥିଲେ। ଘଟଣା ଜାଣିବା ପରେ ପରିବାରବର୍ଗ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଅଭିଯୁକ୍ତ ଅନୀଲକୁ ଗିରଫ କରିଥିଲା। ଏହି ଘଟଣାରେ ୨୦ଜଣ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

## ରୋହିତ ପୂଜାରୀଙ୍କ ମାରାଥନ ପ୍ରଚାର



**ହୀରାକୁଦ, ୩।୫(ସମିସ):** ଆଜି ସନ୍ଧ୍ୟାରେ ସ୍ଥାନୀୟ ଆଜାଦ ଛକରେ ବିଜେଡି ଦଳ ତରଫରୁ ପ୍ରଥମ ନିର୍ବାଚନୀ କାର୍ଯ୍ୟାଳୟ ଆରମ୍ଭ କରାଯାଇଛି। ଏହି ଅବସରରେ ସହରର ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ। ରୋହିତ ପୂଜାରୀ ଆସି ମା' ସମଲେଶ୍ୱରୀଙ୍କୁ ପୂଜା କରିବା ପରେ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ପରେ ବଜାର ଛକରେ ଗୋଟିଏ ସଭାର ଆୟୋଜନ କରାଯାଇଥିଲା। ସେ ଆଜାଦ ଛକରୁ ପଦଯାତ୍ରାରେ ବଜାର ବୁଲିଥିଲେ ଓ ଜନସାଧାରଣଙ୍କୁ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବାପାଇଁ ନିବେଦନ କରିଥିଲେ। ତା'ପରେ ଗାନ୍ଧୀନଗର, କାଲୁପଡ଼ା, ଗୋଜାତଳ ଓ କେଉଟପଡ଼ାରେ ଜନସଭାର ଆୟୋଜନ କରାଯାଇଥିଲା। ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦାନ କରିଥିଲେ। ରୋହିତ ଜନସାଧାରଣଙ୍କୁ ଗତ ପାଞ୍ଚବର୍ଷରେ ନିର୍ବାଚିତ ପ୍ରତିନିଧି କେତେଥର ସହରକୁ ଆସିଥିଲେ ଓ ଲୋକଙ୍କ ଅସୁବିଧା ସରକାରଙ୍କ ପାଖେ ଉପସ୍ଥାପନା କରିଥିଲେ ବୋଲି ପ୍ରଶ୍ନ କରିଥିଲେ। ଶ୍ରୀ ପୂଜାରୀ ସବୁ ପଡ଼ାରେ ଲୋକଙ୍କ ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଲୋକଙ୍କ ପ୍ରଶ୍ନର ଉତ୍ତର ରଖିବା ସହ ଆଗାମୀ ନିର୍ବାଚନରେ ବିଜୟୀ ହେଲେ କିପରି ବିକାଶଧାରା ଆଗକୁ ନେବେ ଜଣାଇଥିଲେ। ଏହି ନିର୍ବାଚନରେ ପୁଣି ଭୁଲ ନକରି ମୁଖ୍ୟମନ୍ତ୍ରୀଙ୍କୁ ପୁଣି ଥରେ ଭୋଟ ଦେଇ ବିଜୟୀ କରିବା ପାଇଁ ନିବେଦନ କରିଥିଲେ।

## ବିଜେଡିରେ ଯୋଗଦେଲେ ଆପ୍ କର୍ମୀ



**ସମ୍ବଲପୁର, ୩।୫(ସମିସ):** ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ଓଡ଼ିଶାର ବିକାଶ କାର୍ଯ୍ୟକ୍ରମରେ ଅନୁପ୍ରାଣୀତ ହୋଇ ରେଢାଖୋଲ ନିର୍ବାଚନ ମଣ୍ଡଳୀର ଆପ ଦଳର କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଛନ୍ତି। ରେଢାଖୋଲ ବିଧାନସଭା ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରତି ସମର୍ଥନ ଜଣାଇ ଆପ ଦଳର କର୍ମୀ ଯୋଗ ଦାନ କରିଛନ୍ତି। ଆମ ଆଦମୀ ପାର୍ଟିର ଜିଲ୍ଲା ଯୁବ ସଭାପତି କୁଲୁ ନାଏକ, ଯୁଯୁମୁରା ବ୍ଲକ ସଭାପତି ନନ୍ଦଲାଲ ପ୍ରଧାନ, ଉଦ୍ଧବ ଭୋଇ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଏଥିରେ ବ୍ଲକ ସଭାପତି ବିନୋଦ କୁମାର ବଡପଣ୍ଡା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ ମିର୍ଦ୍ଧା, ଯୁଯୁମୁରା ପର୍ଯ୍ୟବେକ୍ଷକ ରାଜେଶ ପଣ୍ଡା, ଯୁବ ଛାତ୍ର ପର୍ଯ୍ୟବେକ୍ଷକ ଦିପଙ୍କର ବିଶ୍ୱାସ, ଜିଲ୍ଲା ବିଜେଡି ଯୁବ ସମ୍ପାଦକ ହିରାଲାଲ ବେହେରା, କୁକୁଡା ପାଲି ପଞ୍ଚାୟତ ସଭାପତି କୈଳାସ ବିଶ୍ୱାଳ, ରାଜକୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଯୋଗ ଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରିଥିଲେ।

# ସମ୍ବଲପୁରରେ ଅରୁନ୍ଧତି ଜ୍ୱେଲର୍ସର ନୂତନ ଫ୍ଲାଗସିପ୍ ଗହଣା ଶୋ' ରୁମ୍





**ସମ୍ବଲପୁର, ୩।୫(ସମିସ)**

ସମ୍ବଲପୁରରେ ଅରୁନ୍ଧତୀ ଜ୍ୱେଲର୍ସର ବୃହତ୍ ଓ ଅତ୍ୟାଧୁନିକ ନୂତନ ଫ୍ଲାଗସିପ୍ ଗହଣା ସୋ-ରୁମ୍‌ର ଶୁଭାରାମ୍ଭ ଆଜି ହୋଇଛି। ଓଡ଼ିଆ ସିନେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରେସ୍ ବାର୍ତ୍ତାରେ ଅରୁନ୍ଧତୀ ଜ୍ୱେଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏହି ସୂଚନା ଦେଇଛନ୍ତି ଯେ, ଅରୁନ୍ଧତୀ ଉପରେ ଥିବା ପ୍ରଗାଢ ବିଶ୍ୱାସକୁ ପାଥେୟ କରି ଅରୁନ୍ଧତୀ ଆଜି ସାରା ଓଡ଼ିଶା ସହ ପୂର୍ବଭାରତର ଏକ ପ୍ରତିଷ୍ଠିତ ଅଗ୍ରଣୀ ସୁନା ଗହଣା ବ୍ରାଣ୍ଡ ଭାବରେ ମାନ୍ୟତା ପାଇପାରିଛି। ଗତ ୨୪ବର୍ଷ ଧରି ସୁନା ଗହଣା ମାନରେ ଶୁଦ୍ଧତା, କାରୁକାର୍ଯ୍ୟତା, ସଠିକ୍ ବ୍ୟବସାୟୀକ ପଦକ୍ଷପ ଓ ତା'ମଧରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଗ୍ରାହକ ସେବାରେ ଆତ୍ମିୟତାର ଭାବକୁ ଆଧାର କରି ଅରୁନ୍ଧତି ଓଡ଼ିଶାର ଜନମାନସଙ୍କ ହୃଦୟରେ ଏକ ସତନ୍ତ୍ର ସ୍ଥାନ ନେଇପାରିଛି। ପ୍ରତିଟି ଘରର ଏକ ଅଂଶବିଶେଷ ହୋଇପାରିବା ସହ ଓଡ଼ିଶାର ସର୍ବବୃହତ ଓ ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଭାବରେ ପ୍ରତିଷ୍ଠିତ ହୋଇପାରିଛି। ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ସହ ବିଗତ ୧ ବର୍ଷ ମଧ୍ୟରେ ପୂର୍ବ ଭାରତର ଶ୍ରେଷ୍ଠ ଜୁଏଲରୀ ବ୍ରାଣ୍ଡ ଭାବେ ପରିଚିତ ପାଇଛି। ୪ ଥର ଜାତୀୟ ସମ୍ମାନରେ ସମ୍ମାନୀତ ହୋଇ ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ଗୌରବ ଆଣିପାରିଛି। ଅରୁନ୍ଧତୀର ନୂତନ ଓ ଅତ୍ୟାଧୁନୀକ ଫ୍ଲାଗସିପ୍ ସୋରୁମ୍ ମଧ୍ୟରେ ସର୍ବୋତ୍ତମ ଡିଜାଇନ ଓ ସମ୍ପୂର୍ଣ୍ଣ ହଲମାର୍କ ଓ ସୁଦ୍ଧତାଯୁକ୍ତ ୧୦ହଜାରରୁ ଉର୍ଦ୍ଧ ସୁନା ଗହଣା ଡିଜାଇନ, ହୀରା ଗହଣା, ସତନ୍ତ୍ର ଭାବେ ପ୍ରସ୍ତୁତ ରୂପା ଗହଣା କଳାକୃତି ସମ୍ଭାର ରଖାଯିବା ସହ ଅରୁନ୍ଧତୀର ୫ ଷ୍ଟାର ପ୍ରମିଜ୍ ସେବା ପାଇପାରିବେ। ଓଡ଼ିଶାର ସର୍ବବୃହତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜ୍ୱେଲର୍ସ ତରଫରୁ ଏହି ବିଶେଷ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିବା ପାଇଁ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରାଯାଉଅଛି ବୋଲି କହିଥିଲେ।

## ନାମାଙ୍କନ ପୂର୍ବରୁ ପାଟଣେଶ୍ୱରୀଙ୍କୁ ଦର୍ଶନ କଲେ ଦୀପାଳି



**ସମ୍ବଲପୁର, ୩।୫ (ସମିସ):** ଝାରସୁଗୁଡ଼ା ବିଧାୟିକା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେଡିର ଟାଣୁଆ ନେତା ସ୍ୱର୍ଗତ ନବ କିଶୋର ଦାସଙ୍କ ଝିଅ ସୁଶ୍ରୀ ଦୀପାଳି ଦାସ ଆଜି ଝାରସୁଗୁଡ଼ା ବିଧାନସଭା ବିଜେଡି ପ୍ରାର୍ଥିନୀ ଭାବରେ ନାମାଙ୍କନ ଦାଖଲ କରିଛନ୍ତି। ଏଥିପାଇଁ ଦୀପାଳି ଆଜି ସକାଳ ୭ଟାରେ ସମ୍ବଲପୁରର ପାଟଣେଶ୍ୱରୀ ମା'ଙ୍କ ମନ୍ଦିରକୁ ଆସି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଚଳିତ ନିର୍ବାଚନରେ ମଧ୍ୟ ଝାରସୁଗୁଡ଼ାରେ ବିଜେଡିର ବିଜୟର ବାନା ଉଡ଼ିବ। ଓଡ଼ିଶାବାସୀ ଷଷ୍ଠ ଥର ପାଇଁ ଓଡ଼ିଶାର ପ୍ରିୟ ଜନନେତା ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ମନସ୍ଥ କରି ସାରିଲେଣି। ଝାରସୁଗଡ଼ାବାସୀଙ୍କ ମୋ ପ୍ରତି ସର୍ବଦା ଆଶୀର୍ବାଦ ଓ ସମର୍ଥନ ରହିଛି ଏବଂ ଆଗକୁ ମଧ୍ୟ ରହିବ। ନୂତନ ଝାରସୁଗୁଡ଼ାରେ ଯେଉଁ କିଛି କାର୍ଯ୍ୟ ରହିଯାଇଛି ଏଥର ସବୁ ପୂରା କରିବାର ମୋର ଲକ୍ଷ୍ୟ ରହିବ ବୋଲି କହିଛନ୍ତି।